ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US ON TWITTER
twitter.com/paryabekhyak

Vol.25 . No.22 Bhubaneswar Saturday, February 26, 2022 | ୨୫ତମ ବର୍ଷ ସଂଖ୍ୟା-୨୨ ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପରଲୋକ

ଭୁବନେଶ୍ୱର, ୨୫।୨(ପି.ଏନ): ଓଡିଶାର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ବରିଷ୍ଠ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳଙ୍କର ଆଜି ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ୍ୟୁ ସମ୍ପର୍କରେ ତାଙ୍କ ଝିଅ ସୁନୀତା ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।ଶ୍ରୀ ବିଶ୍ୱାଳ ରାଜ୍ୟର ଏକମାତ୍ର ଆଦିବାସୀ ନେତା ଯିଏ ୨ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୮୯ ମସିହା ଡିସେମ୍ବର ୭ରୁ ୧୯୯୦ ମାର୍ଚ୍ଚ ୫ତାରିଖ ପର୍ଯ୍ୟନ୍ତ ପ୍ରାୟ ୩ ମାସ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୯୯୯ ଡିସେମ୍ବର ୬ରୁ ୨୦୦୦ ମାର୍ଚ୍ଚ ୫ତାରିଖ ପର୍ଯ୍ୟନ୍ତ ପ୍ରାୟ ୮ ମାସ ଧରି



ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନବୀନ ପଟ୍ଟନାୟକ ତୁଲାଉଛନ୍ତି।୭୦ଦଶକରେ ପଂଚାୟତ ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ଶ୍ରୀ ବିଶ୍ୱାଳ ୧୯୭୪ ମସିହାରେ ପ୍ରଥମଥର ବିଧାୟକ ହୋଇଥିଲେ।ସେ ୨୦୦୯ ମସିହାରେ ସୁନ୍ଦରଗଡରୁ ସାଂସଦ ଭାବେ ମଧ୍ୟ ବିଜୟୀ ହୋଇଥିଲେ।ସେ ଜଣେ ବରିଷ୍ଠ ଆଦିବାସୀ ନେତା ଭାବେ କଂଗ୍ରେସରେ ନିଜର ସ୍ୱତନ୍ତ୍ର ଛାପ ଛାଡିଯାଇଛନ୍ତି।୧୯୩୯ ଡିସେମ୍ବର ୧ରେ ଅବିଭକ୍ତ ସୁନ୍ଦରଗଡ ଜିଲ୍ଲାରେ ଜନ୍ମିତ ଶ୍ରୀ ବିଶ୍ୱାଳଙ୍କ ମୃତ୍ୟୁରେ ରାଜ୍ୟ ରାଜନୀତିରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ବିଜେଡି ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।ଶ୍ରୀ ବିଶ୍ୱାଳଙ୍କର ଦୁଇ ଝିଅ ସୁନୀତା ଓ ଅମିତା ଏବେ ରାଜନୀତିରେ ସକ୍ରିୟ ଅଛନ୍ତି । ଆସନ୍ତାକାଲି ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି ।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା : ୟୁକ୍ରେନ୍ ରୁ ଓଡିଆଙ୍କୁ ଫେରାଇ ଆଣିବାକୁ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର

ଭୁବନେଶ୍ୱର, ୨୫।୨(ପି.ଏନ): ଋଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହିଛି। ୟୁକ୍ରେନରେ ଫସିଥିବା ଓଡ଼ିଆ ଛାତ୍ରଛାତ୍ରୀ ଓ ଶ୍ରମିକମାନଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଘୋଷଣା କରିଛନ୍ତି । ଓଡିଶାର ନାଗରିକମାନଙ୍କୁ ୟୁକ୍ରେନ୍ ରୁ ସୁରକ୍ଷିତ ଫେରାଇ ଆଣିବାକୁ ସମନ୍ୱୟ ରକ୍ଷା ଲାଗି ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପି.କେ ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦିଲ୍ଲୀରେ ଅବସ୍ଥାପିତ ଆବାସିକ କମିଶନର ଏହି ମାମଲାରେ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗରେ ରହିବେ।ସେହିପରି ୟୁକ୍ରେନର ଛାତ୍ର ଓ ଶ୍ରମିକମାନଙ୍କ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା ଏବଂ ଏହି ସଙ୍କଟ ସମୟରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ ପ୍ରଭାବଶାଳୀ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।ଏହି ଘୋଷଣା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଜି ଏହି ପ୍ରସଙ୍ଗରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ କଥା ହୋଇଥିଲେ। ଛାତ୍ର ଓ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଗୃହମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁରୋଧ ପରେ ଗୃହମନ୍ତ୍ରୀ ଅମିତ ଶାହା ମୁଖ୍ୟମନ୍ତ୍ରୀଙ୍କୁ ଆଶ୍ୱାସନା ଦେଇଛନ୍ତି । ସେ କହିଛନ୍ତି କି ଭାରତ ସରକାର ୟୁକ୍ରେନ ସରକାରଙ୍କ ସହ ଯୋଗଯୋଗରେ ରହିଛନ୍ତି ଏବଂ ଶୀଘ୍ର ୟୁକ୍ରେନରୁ ଛାତ୍ର ଓ ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ କାର୍ଯ୍ୟ କରୁଛନ୍ତି।ଗତକାଲି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଯୁଦ୍ଧ ନେଇ ଘୋଷଣା କରିବା ପରେ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରିଛି ଋଷ । ତିନିପଟୁ ୟୁକ୍ରେନକୁ ଘେରି ଆକ୍ରମଣ କରୁଛି ଋଷ। ୟୁକ୍ରେନ ରାଜଧାନୀ କିଭ୍ ସହ ବିଭିନ୍ନ ସହରରେ ବାଲାଷ୍ଟିକ୍ ଓ କ୍ରୁଜ୍ ମିଜାଇଲାରେ ଆକ୍ରମଣ କରୁଛି ଋଷ। ୟୁକ୍ରେନରେ ଯୁଦ୍ଧ ଫଳରେ ସେଠାରେ ୧୬ ହଜାର ଭାରତୀୟ ନାଗରିକ ଫସି ରହିଛନ୍ତି । ୟୁକ୍ରେନରେ ବହୁ ଓଡ଼ିଆ ଛାତ୍ରଛାତ୍ରୀ ଓ ଶ୍ରମିକ ମଧ୍ୟ ଏବେ ଫସି କରି ରହିଛନ୍ତି।

# ଗୋଟିଏ ଦିନରେ ୩୪୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୪୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୪୩୨୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୧୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୧୮୪୩ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୩୭୫ ରହିଛି ।ଆଜି ଚିହ୍ନଟ ହୋଇଥିବା ୩୪୫ ଜଣଙ୍କ ମଧ୍ୟରୁ ୨୦୨ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଯାଜପୁର ସବୁଠାରୁ ଅଧିକ ୫୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୩୨, ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩ , କଟକରୁ ୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଗଜପତି ଜିଲ୍ଲାରୁ ୨୭, ଗଂଜାମ ଜିଲ୍ଲାରେ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨, ଯାଜପୁରରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୨, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୪. ଖୋର୍ଦ୍ଧାରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୩୯, ଷ୍ଟେଟ୍ ପୁଲରୁ ୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ପଂଚାୟତ ଭୋଟ୍ : ଆସନ୍ତାକାଲିଠୁ ୩ଦିନ ଧରି ଗଣତି

ଭୁବନେଶ୍ୱ.୨୫।୨(ପି.ଏନ): ଆସନ୍ତାକାଲିଠୁ ୩ଦିନ ଧରି ପଂଚାୟତ ନିର୍ବାଚନର ଭୋଟଗଣତି ହେବ । ରାଜ୍ୟର ସମସ୍ତ ୩୧୪ଟି ବ୍ଲକ ମୁଖ୍ୟାଳୟରେ ଆସନ୍ତାକାଲି ସକାଳ ୮ଟାରୁ କଡା ସୁରକ୍ଷା ମଧ୍ୟରେ ଏହି ଗଣତି ଅନୁଷ୍ଠିତ ହେବ ଓ ପ୍ରତ୍ୟେକ ୱାର୍ଡର ଭୋଟ୍ ଗଣତି ପରେ ମାଇକ୍ ଯୋଗେ ଫଳାଫଳ ଘୋଷଣା କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଚଳିତ ପଂଚାୟତ ନିର୍ବାଚନରେ ୩୬୯୭୬ଜଣ ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ୧.୯୨ଲକ୍ଷ ପ୍ରାର୍ଥୀଙ୍କ ଭାଗ୍ୟ ଏହି ଗଣତିରେ ନିର୍ଦ୍ଧାରିତ ହେବ ।ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଭୋଟଗଣତି ପାଇଁ ହୋଇଥିବା ବ୍ୟବସ୍ଥା ଅନୁସାରେ, ପ୍ରଥମ ଦିନ ସମସ୍ତ ୩୧୪ଟି ବ୍ଲକର ଜିଲ୍ଲା ପରିଷଦ ଜୋନ୍ ନମ୍ବର ୧ରେ ଭୋଟଗଣତି ହେବ । ଏହି ଜୋନ୍ ଅନ୍ତର୍ଗତ ସମସ୍ତ ପଂଚାୟତର ସରପଂଚ,ସମିତି ସଭ୍ୟ ଓ ୱାର୍ଡମେମ୍ବର ନିମନ୍ତେ ଭୋଟଗଣତି ହେବ । ଗୋଟିଏ ଜୋନ୍ ଅଧୀନରେ ଯେତିକି ପଂଚାୟତ ଥିବ ସେହି ପରିମାଣର ଗଣତି ଟେବୁଲର ବ୍ୟବସ୍ଥା ହୋଇଛି । ପ୍ରଥମେ ୱାର୍ଡମେମ୍ବର, ତା'ପରେ ସରପଂଚ ଓ ସମିତି ସଭ୍ୟ ଏବଂ ଶେଷରେ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ଭୋଟ ଗଣତି ହେବ । ପ୍ରତି ୱାର୍ଡର ଗଣତି ସରିବା ପରେ ମାଇକ ଯୋଗେ ତାହା ଘୋଷଣା କରାଯିବ । ଜିଲ୍ଲା ପରିଷଦ ଭୋଟ ଫଳାଫଳ ରାଜ୍ୟ ନିର୍ବାଚନ କମିଶନର ୱେବପୋର୍ଟାଲ 'ପରିଣାମ'ରେ ଉପଲବ୍ଧ ହେବ । ଏଥିପାଇଁ ପ୍ରତ୍ୟେକ ଭୋଟଗଣତି




କେନ୍ଦ୍ରରେ ୨୪ଘଣ୍ଟିଆ ବିଦ୍ୟୁତ ଓ ଇଣ୍ଟରନେଟ୍ ବ୍ୟବସ୍ଥା ସହ ଲ୍ୟାପଟପ୍ ରହିବ । ପ୍ରତ୍ୟେକ ଦିନ ପାଇଁ ଧାର୍ଯ୍ୟ ଜୋନ୍ ୱାରି ଭୋଟ ଗଣତି ନସରିବା ପର୍ଯ୍ୟନ୍ତ ତାହା ବନ୍ଦ ହେବ ନାହିଁ । ଉଦାହରଣ ସ୍ୱରୂପ, ଯଦି କୌଣସି ବ୍ଲକରେ ୪ଟି ଜିଲ୍ଲା ପରିଷଦ ଜୋନ୍ ରହିଛି ତା'ହେଲେ- ପ୍ରଥମ ଦିନ ଗୋଟିଏ ଜୋନ୍ , ଦ୍ୱିତୀୟ ଦିନ ଗୋଟିଏ ଜୋନ୍ ଓ ତୃତୀୟ ବା ଶେଷଦିନରେ ତୃତୀୟ ଓ ଚତୁର୍ଥ ଜୋନ୍ ପାଇଁ ଭୋଟଗଣତି ହେବ । ଯଦି ଗୋଟିଏ ବ୍ଲକରେ ୬ଟି ଜୋନ୍ ଥିବ ତା'ହେଲେ ପ୍ରତ୍ୟେକ ଦିନ ୨ଟି ଲେଖାଏଁ ଜୋନ୍ ପାଇଁ ଭୋଟଗଣତି ହେବ ।ରାଜ୍ୟର ମୋଟ ୮୫୩ଟି ଜିଲ୍ଲା ପରିଷଦ ଜୋନ୍ ମଧ୍ୟରୁ ବରଗଡ ଜିଲ୍ଲାର ଆମ୍ଭୋଭୋନା ବ୍ଲକର ଦୁଇ ନମ୍ବର ଜୋନର ବିଜେଡି ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ବାକି ୮୫୨ଟି ଜିଲ୍ଲା ପରିଷଦ ଜୋନରେ ମୋଟ ୩୪୦୭ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି । ମୋଟ ୯୧୮୯୦ଟି ୱାର୍ଡମେମ୍ବର ପଦବୀ(ଢିଙ୍କିଆର ୨୩ଟି ୱାର୍ଡ ବାଦ୍ ଦେଇ) ମଧ୍ୟରୁ ୩୬୫୨୩ଟି ୱାର୍ଡରେ ନିଦ୍ୱର୍ନ୍ଦ୍ୱରେ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି । ସେହିପରି ୬୭୯୩ଟି ପଂଚାୟତର ସରପଂଚ(ଢିଙ୍କିଆକୁ ବାଦ୍ ଦେଇ) ମଧ୍ୟରୁ ୧୨୬ଟି ପଂଚାୟତରେ ସରପଂଚ ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ୬୭୯୩ଟି ପଂଚାୟତ ସମିତି( ଚନ୍ଦାହାଣ୍ଡି ବ୍ଲକର ୨ ପଂଚାୟତ- କୁହୁଡି ଓ ଧୋଡିପାଣିରେ ଗୋଟିଏ ସମିତି ସଭ୍ୟ ପଦବୀ) ମଧ୍ୟରୁ ୩୨୬ଟି ସମିତି ସଭ୍ୟ ପଦବୀକୁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଚଳିତ ନିର୍ବାଚନରେ ମୋଟ ୨ଲକ୍ଷ ୨୯ହଜାର ୦୬୨ଜଣ ପ୍ରାର୍ଥୀ ବିଭିନ୍ନ ପଦବୀ ନିମନ୍ତେ ଲ଼ଢୁଥିବାବେଳେ ୩୬୯୭୬ଜଣ ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ବାକି ୧ଲକ୍ଷ ୯୨ହଜାର ୮୬ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଆସନ୍ତାକାଲିଠୁ ନିର୍ଦ୍ଧାରିତ ହେବ । ସୂଚନାଯୋଗ୍ୟ, ପାଂଚ ପର୍ଯ୍ୟାୟ ପଂଚାୟତ ନିର୍ବାଚନ ଫେବୃୟାରୀ ୧୬ରୁ ୨୪ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ରାଜ୍ୟର ୨କୋଟି ୭୯ଲକ୍ଷ ୩୫ହଜାର ୫୨୫ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବାର ଥିବାବେଳେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୭.୨%, ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ତୃତୀୟ ପର୍ଯ୍ୟାୟରେ ୭୮.୬% ଓ ଚତୁର୍ଥ ପର୍ଯ୍ୟାୟରେ ୭୯% ଓ ପଂଚମ ପର୍ଯ୍ୟାୟରେ ୭୬% ମତଦାନ ରେକର୍ଡ କରାଯାଇଛି । ମାତ୍ର ଚଳିତ ପଂଚାୟତ ନିର୍ବାଚନରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯେଉଁଳି ହିଂସାକାଣ୍ଡ, ବୁଥ ରିଗିଂ ଓ ଅନ୍ୟାନ୍ୟ କାରଣରୁ ନିର୍ବାଚନ ପ୍ରଭାବିତ ହୋଇଛି, ତାହା ଓଡିଶା ନିର୍ବାଚନ ଇତିହାସରେ ପୂର୍ବରୁ କେବେ ହୋଇନଥିଲା ।

## ୨୮ରୁ ବନ୍ଦ ହେବ ଭୁବନେଶ୍ୱରର ସବୁ କୋଭିଡ୍ ସେଂଟର

ଭୁବନେଶ୍ୱର, ୨୫।୨(ପି.ଏନ): ଭୁବନେଶ୍ୱରରେ ଆସନ୍ତା ୨୮ ତାରିଖରୁ ସମସ୍ତ କୋଭିଡ୍ କେୟାର ସେଂଟର ବନ୍ଦ ହେବ। କୋଭିଡ୍ ସ୍ଥିତିରେ ସୁଧୁରୁଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏପରି ନିଷ୍ପତି ନେଇଛି। ହାଇଟେକ ଓ କିମ୍ସ ମେଡିକାଲ୍ କୁ କ୍ଲୋଜର ନୋଟିସ୍ ଦେଇଛି ବିଏମ୍ସି। ସମ୍ ଓ ଅଶ୍ୱିନୀରେ ବେଡ୍ ସଂଖ୍ୟା ହ୍ରାସ କରାଯିବାକୁ ନିଷ୍ପତି ନିଆଯାଇଛି। ସମ୍ ହସ୍ପିଟାଲରେ ୭୦ ଓ ଅଶ୍ୱିନୀରେ ୩୦ କୋଭିଡ୍ ଶଯ୍ୟା ରହିବ। ବର୍ତ୍ତମାନ କେବଳ ୩୦ ଜଣ କୋଭିଡ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ତେଣୁ ଏପରି ନିଷ୍ପତି ନିଆଯାଇଛି ବୋଲି ବିଏମସି ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି ।

## ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୫।୨(ପି.ଏନ): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ଅଂଚଳରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗ : ଝାରସୁଗୁଡ଼ା ଓଏମଭିଡି ଏଏସଆଇଙ୍କ ଘର ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୨୫।୨(ପି.ଏନ): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଝାରସୁଗୁଡ଼ା ଓଡ଼ିଶା ମୋଟର ଭେହିକିଲ ଡିପାର୍ଟମେଂଟର ଏଏସଆଇ ହରେକୃଷ୍ଣ ନାୟକଙ୍କ ଝାରସୁଗୁଡ଼ା ଘର ସମେତ କଟକ, ପୁରୀ ଓ ଗଂଜାମ ଜିଲ୍ଲାର ମୋଟ ୬ଟି ସ୍ଥାନରେ ଭିଜିଲାନ୍ସ ଚଢାଉ କରିଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସକାଳୁ କଟକର ଭିଜିଲାନ୍ସ ଟିମ୍ ଚଢ଼ାଉ ଆରମ୍ଭ କରିଥିବା ଜଣାଯାଇଛି। ଏହି ଚଢ଼ାଉରେ ୩ ଜଣ ଡିଏସପି, ୧୦ ଜଣ ଇନସ୍ପେକ୍ଟର ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଛନ୍ତି। କଟକର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ଆଦେଶ ବଳରେ ଏହି ଚଢ଼ାଉ କରାଯାଉଛି ।ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର କଟକର ଘର ତଲାସ ସମୟରେ ନଗଦ ୪ ଲକ୍ଷ ୪୬ ହଜାର ଟଙ୍କା ଜବତ ହୋଇଛି।

# ଜନସାଧାରଣଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଦେବା ଗଣତନ୍ତ୍ରର ପ୍ରଧାନ ଆଭିମୁଖ୍ୟ: ବାଚସ୍ପତି

ଭୁବନେଶ୍ୱର, ୨୫।୨(ପି.ଏନ): ଜନସାଧାରଣଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଦେବା ଗଣତନ୍ତ୍ରର ପ୍ରଧାନ ଆଭିମୁଖ୍ୟ । ଆଇନର ଲକ୍ଷ୍ମଣରେଖା ମଧ୍ୟରେ ରହି ମାମଲାରେ ସଂପୃକ୍ତ ଉଭୟ ପକ୍ଷଙ୍କୁ ସମଦୃଷ୍ଟିରେ ଦେଖି ନ୍ୟାୟ ପ୍ରଦାନ କରାଯିବା ଉଚିତ ବୋଲି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ପ୍ରକାଶ କରିଛନ୍ତି । ଆଜି ପୂର୍ବାହ୍ନରେ ନବାଗତ ନ୍ୟାୟିକ ସେବା ଶିକ୍ଷାନବିସମାନଙ୍କ ସହିତ ପ୍ରତ୍ୟକ୍ଷ ପରିଚୟ ଉଦ୍ଦେଶ୍ୟରେ ରାଜ୍ୟ ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି ବାଚସ୍ପତି ଡ. ପାତ୍ର ଉପରୋକ୍ତ ମର୍ମରେ ମତ ପ୍ରଦାନ କରିଛନ୍ତି ।ବାଚସ୍ପତି ଡ. ପାତ୍ର କହିଛନ୍ତି ଯେ ଶିକ୍ଷାନବିସମାନେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । କାରଣ ରାଜ୍ୟର ୯୦ ପ୍ରତିଶତ ମୁଦାଲା ଓ ଆଇନଜୀବୀ ମାତୃଭାଷା ଓଡ଼ିଆରେ କଥାବର୍ତ୍ତା ହୁଅନ୍ତି । ପ୍ରତି ଦେଶରେ ସାମାଜିକ ବିଧିବ୍ୟବସ୍ଥା ଓ ଆବଶ୍ୟକତାକୁ ନେଇ ଆଇନ ପ୍ରଣୟନ ହୋଇଥାଏ ଏବଂ ଏହାକୁ ଦୃଷ୍ଟିରେ ରଖି ଶିକ୍ଷାନବିସମାନେ ଗୁରୁତ୍ୱର ସହ କାର୍ଯ୍ୟ କରିବା ଉଚିତ ବୋଲି ବାଚସ୍ପତି ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଂଚାୟତିରାଜ ଓ ପାନୀୟ ଜଳ, ଗୃହନିର୍ମାଣ ଓ ନଗର ଉନ୍ନୟନ, ଆଇନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ବିଧିପାଳିକା ଦ୍ୱାରା ବିଭିନ୍ନ ଆଇନକୁ କାର୍ଯ୍ୟପାଳିକା କାର୍ଯ୍ୟକାରୀ କରିଥାଏ ବୋଲି ଦର୍ଶାଇ ନ୍ୟାୟପାଳିକା ଆଇନର ଯଥାର୍ଥ ତର୍ଜମା କରି ନ୍ୟାୟନିର୍ଣ୍ଣୟ କରୁଥିବାରୁ ନବାଗତ ଶିକ୍ଷାନବିସମାନେ ସ୍ୱାଧୀନ ଓ ନିରପେକ୍ଷ ଭାବରେ ନ୍ୟାୟ ବ୍ୟବସ୍ଥାକୁ ଦୃଢ଼ କରିବା ଉପରେ ଉଲ୍ଲେଖ କରିଥିଲେ । ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇନ ପ୍ରଣୟନର ପ୍ରାଥମିକ ପର୍ଯ୍ୟାୟ ବିଲ୍, ପ୍ରସ୍ତାବିତ ବିଲ୍ ଉପରେ ବିଧାୟକମାନଙ୍କ ବିଶଦ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ବିଲ୍ ଆଇନରେ ପରିଣତ ହୁଏ ବୋଲି କହିବା ସହିତ ଶିକ୍ଷାନବିସମାନଙ୍କୁ ଶୁଭକାମନା ଜଣାଇଥିଲେ ।ବିଧାନସଭାର ଓଏସ୍‌ଡି ତଥା ସଚିବ ଶ୍ରୀ ଦାଶରଥୀ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନୂତନ ଶିକ୍ଷାନବିସମାନଙ୍କ ଦ୍ୱାରା ନ୍ୟାୟିକ ବ୍ୟବସ୍ଥା ଦୃଢ଼ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ ।

## ୟୁକ୍ରେନ୍‌ରୁ ଓଡିଆଙ୍କୁ ଫେରାଇ ଆଣିବା ନେଇ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୨(ପି.ଏନ): ରୁଷ-ୟୁକ୍ରେନ ବିବାଦ କାରଣରୁ ସେଠାରେ ଫସି ରହିଥିବା ଓଡିଆ ଲୋକ ମାନଙ୍କର ପ୍ରତ୍ୟାବର୍ତନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ସହ ଟେଲିଫୋନରେ କଥାବାର୍ତା ହୋଇଛନ୍ତି। ଏହି ଅବସରରେ ସେ ଏମାନଙ୍କୁ କିପରି ସୁରକ୍ଷିତ ଭାବେ ଅଣା ଯାଇ ପାରିବ ସେ ନେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶାହ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଆଶ୍ୱସ୍ତ କରିଛନ୍ତି ଯେ ଭାରତ ସରକାର ୟୁକ୍ରେନ ସରକାର ସହ ଯୋଗାଯୋଗରେ ଅଛନ୍ତି ଓ ଫସି ରହିଥିବା ଛାତ୍ର ଓ ଶ୍ରମିକ ମାନଙ୍କୁ ଯଥାଶୀଘ୍ର ଫେରାଇ ଆଣିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ପଂଚାୟତ ନିର୍ବାଚନ ସମୟରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଅଭିଯାନକୁ ବଡ ସଫଳତା

ଭୁବନେଶ୍ୱର, ୨୫।୨(ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଯେଭଳି ସୁରୁଖୁରୁରେ ହେବ ଏବଂ ଏହି ସମୟରେ ଯେଭଳି କୌଣସି ପ୍ରକାର ଅବକାରୀ ଅଘଟଣ ନଘଟିବ ସେଥିପାଇଁ ରାଜ୍ୟ ଅବକାରୀ ବିଭାଗ ଜାନୁଆରୀ ୧୧ତାରିଖରୁ ଫେବୃଆରୀ ୨୪ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ଚଳାଇଥିଲା । ଏହି ଅଭିଯାନରେ ୫୮୮୬ ଜଣ ବ୍ୟକ୍ତି ଗିରଫ ହୋଇଥିବାବେଳେ ପ୍ରାୟ ୧୭କୋଟି ଟଙ୍କାର ଅବକାରୀ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ତ୍ରିସ୍ତରୀୟ ପଂଚାୟତିରାଜ ର୍ନିବାଚନ ସମୟରେ ଯେଭଳି ବେଆଇନ ନିଶା କାରବାର ଓ ଏ ସଂକ୍ରାନ୍ତରେ ଅଘଟଣ ନଘଟେ ସେଥିପାଇଁ କଡା ନଜର ରଖାଯାଇଥିଲା । ଜିଲ୍ଲା ସ୍ତରରେ ୨୪ଘଣ୍ଟିଆ କଣ୍ଟ୍ରୋଲରୁମ ଖୋଲା ଯିବା ସହିତ ସୀମାନ୍ତବର୍ତ୍ତୀ ଅଂଚଳ ଉପରେ କଡା ନଜର ରଖାଯାଇଥିଲା । ବେଆଇନ ନିଶା କାରବାରକୁ ରୋକିବାପାଇଁ ଦିନ ରାତି ଚଢଉ ଜାରି ରହିଥିଲା ।ନିର୍ବାଚନ ସମୟରେ ଚଳାଯାଇଥିବା ସ୍ୱତନ୍ତ୍ର ଧରପଗଡରେ ୫୮୮୬ଜଣ ବ୍ୟକ୍ତି ଗିରଫ ହୋଇଥିବାବେଳେ ୬୮୧୮ଟି ମାମଲା ରୁଜୁ ହୋଇଛି । ଏଥି ସହିତ ୧,୭୭,୬୨୫ ଲିଟର କାରଖାନା ପ୍ରସ୍ତୁତ ଦେଶୀମଦ, ୧୯,୪୬,୮୭୮ ଲିଟର ଦେଶୀ ମଦ ପ୍ରସ୍ତୁତ ସାମଗ୍ରୀ, ୫୦୦୧ କିଲୋ ଗଞ୍ଜେଇ, ୨୬୬୩ ଗ୍ରାମ ବ୍ରାଉନସୁଗାର, ୫୦ ଲିଟର କଫ ସିରପ, ୩୬୮୯ ଲିଟର ବିଦେଶୀ ମଦ, ୨୦୨୦ ଲିଟର ବିୟର, ୫୯୬୬ ଲିଟର ଦେଶୀ ମଦ, ୪୯୯୬ ଲିଟର ଭାଟି ମଦ, ୧,୦୩,୨୦୦ ସଂଖ୍ୟକ ନକଲି ଇଏଏଲ , ବିଭିନ୍ନ କମ୍ପାନୀର ୩୬ହଜାର ନକଲି ଲେବଲ, ୨ଲକ୍ଷ ନକଲି ଠିପି ଜବତ ହୋଇଥିଲା । ଏଥି ସହିତ ୨୭୬ଟି ଦୁଇ ଓ ଚାରିଚକିଆ ଯାନ ବି ଜବତ ହୋଇଥିଲା । ଜବତ ହୋଇଥିବା ଏହି ସମସ୍ତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୬କୋଟି ୮୫ଲକ୍ଷ ଟଙ୍କା ହେବ ବୋଲି ଆକଳନ ହୋଇଥିଲା । ତେବେ ନିର୍ବାଚନ ସମୟରେ ଚଳାଯାଇଥିବା ସ୍ୱତନ୍ତ୍ର ଅଭିଯାନରୁ ଯେଉଁ କେତେକ ସଫଳତା ମିଳିଥିଲା ସେଥି ମଧ୍ୟରେ ବ୍ରହ୍ମପୁର ସହରରୁ ୫୦୦ କିଲୋ ଗଞ୍ଜେଇ ଜବତ ହୋଇଥିଲା ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୪୫ଲକ୍ଷ ଟଙ୍କା ସହିତ । ସେହିଭଳି ଅବକାରୀ ବିଭାଗର ଅଧିକାରୀମାନେ କୋରାପୁଟ ଠାରେ ଏକ ଟ୍ରକ ଜବତ କରିବା ସହିତ ସେଥିରୁ ୧୦୨୪ କିଲୋ ଗଞ୍ଜେଇ ଧରିଥିଲେ।

# ମାର୍ଚ୍ଚ ୨୪ରେ ପୌର ନିର୍ବାଚନ : ୨୮ରେ ବିଜ୍ଞପ୍ତି , ମାର୍ଚ୍ଚ ୨ରୁ ୭ ନାମାଙ୍କନ

ଭୁବନେଶ୍ୱର, ୨୫।୨(ପି.ଏନ): ରାଜ୍ୟ ନିର୍ବାଚନ କମିଶନ ଶୁକ୍ରବାର ଦିନ ପୌର ନିର୍ବାଚନ ନେଇ ତାରିଖ ଘୋଷଣା କରିଛନ୍ତି । ପୌର ନିର୍ବାଚନ ମାର୍ଚ୍ଚ ୨୪ରେ ହେବ । ୨୬ ତାରିଖରେ ଭୋଟ ଗଣତି ହେବ। ଏଥିଲାଗି ଆଜିଠାରୁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ରାଜ୍ୟ ନିର୍ବାଚନ କମିସନ ଆଦିତ୍ୟ ପ୍ରସାଦ ପାଢ଼ୀ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ।ସେ କହିଛନ୍ତି ଯେ ଆଗାମୀ ୨୮ ତାରିଖରେ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ରାଜ୍ୟର ୧୦୬ଟି ପୌରସଂସ୍ଥା ଓ ୩ଟି ମହାନଗର ନିଗମର ମୋଟ ୪୫୮୪ଟି ବୁଥ୍ ରେ ଇଭିଏମ୍ ମାଧ୍ୟମରେ ଭୋଟ ଗ୍ରହଣ କରାଯିବ। ପୌର ନିର୍ବାଚନ ପାଇଁ ପ୍ରତ୍ୟେକ ବୁଥ୍ ରେ ଦୁଇଟି ଲେଖାଏଁ ଇଭିଏମ୍ ରହିବ। ସେଥିରୁ ଗୋଟିଏ କର୍ପୋରେଟର/ କାଉନସିଲର ନିର୍ବାଚନ ପାଇଁ ଏବଂ ଅନ୍ୟଟି ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ବ୍ୟବହୃତ ହେବ। ପୌରାଂଚଳ ଓ ଏନଏସିର ଅଧ୍ୟକ୍ଷ ପଦବୀ ଓ ମହାନଗରର ମେୟର ପଦବୀ ନିମନ୍ତେ ହଳଦିଆ ବାଲାଟ ପେପର ଏବଂ କାଉନସିଲର ଓ କର୍ପୋରେଟରଙ୍କ ପାଇଁ ଗୋଲାପୀ ରଙ୍ଗର ବାଲାଟ ପେପର ଉଦ୍ଦିଷ୍ଟ ରହିବ । ସେହିପରି ଇଭିଏମ୍ ର ଶେଷରେ ନୋଟା ବଟନ୍ ରହିବ। ଏହି ସମସ୍ତ ପୌର ନିର୍ବାଚନ ପାଇଁ ଆସନ୍ତା ମାର୍ଚ୍ଚ ୨ରୁ ୭ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ, ମାର୍ଚ୍ଚ ୯ତାରିଖରେ ନାମାଙ୍କନ ପତ୍ର ଯାଂଚ ଓ ୧୪ତାରିଖ ଅପରାହ୍ନ ୩ଟା ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ସେହିଦିନ ଅପରାହ୍ନ ୫ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୪ତାରିଖ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ । ୨୬ତାରିଖ ସକାଳ ୮ଟାରୁ ଭୋଟଗଣତି ହେବ । ଏପ୍ରିଲ ୭ତାରିଖରେ ପୌର ପରିଷଦ ଓ ଏନଏଏସି ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହେବ। ଏପ୍ରିଲ ୮ତାରିଖରେ ଡେପୁଟି ମେୟର ନିମନ୍ତେ ନିର୍ବାଚନ ହେବ ।ନିର୍ବାଚନରେ ପ୍ରାର୍ଥୀଙ୍କ ନିମନ୍ତେ ଖର୍ଚ୍ଚସୀମା ଓ ପ୍ରଚାର ନିମନ୍ତେ ପୂର୍ବରୁ ନିର୍ବାଚନ କମିଶନ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି । ୫୦ହଜାର ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଏନଏସି ଓ ପୌର ପରିଷଦର କାଉନସିଲରଙ୍କ ନିର୍ବାଚନୀ ଖର୍ଚ୍ଚ ୫୦ହଜାର ଟଙ୍କା ଓ ଅଧ୍ୟକ୍ଷଙ୍କ ପାଇଁ ୨ଲକ୍ଷ ଟଙ୍କା, ୫୦ହଜାରରୁ ୧ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଏନଏଏସି ଓ ପୌର ପରିଷଦର କାଉନସିଲରଙ୍କ ନିର୍ବାଚନୀ ଖର୍ଚ୍ଚ ୭୫ହଜାର ଟଙ୍କା ଓ ଅଧ୍ୟକ୍ଷଙ୍କ ସର୍ବାଧିକ ୩ଲକ୍ଷ ଟଙ୍କା, ୧ଲକ୍ଷରୁ ଉର୍ଦ୍ଧ୍ୱ ପୌର ସଂସ୍ଥାର କାଉନସିଲରଙ୍କ ପାଇଁ ୧ଲକ୍ଷ ଟଙ୍କା ଓ ଅଧ୍ୟକ୍ଷଙ୍କ ପାଇଁ ୫ଲକ୍ଷ ଟଙ୍କା ନିର୍ବାଚନ ପ୍ରଚାରରେ ଖର୍ଚ୍ଚ କରିପାରିବେ । ସେହିପରି ୩ଟି ମହାନଗର ନିଗମରେ କର୍ପୋରେଟରମାନେ ୨ଲକ୍ଷ ଟଙ୍କା ଓ ମେୟର ସର୍ବାଧିକ ୧୨ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ।ଏହାସହିତ କାଉନସିଲ/ କର୍ପୋରେଟରମାନେ ସର୍ବାଧିକ ୨ଟି ଗାଡ଼ି ଓ ଅଧ୍ୟକ୍ଷ ପ୍ରାର୍ଥୀ ୪ଟି ଗାଡ଼ି, ମେୟର ପ୍ରାର୍ଥୀ ୬ଟି ଗାଡ଼ି ଓ ରାଜନୀତିକ ଦଳଗୁଡ଼ିକ ୨ଟି ଗାଡ଼ି ପ୍ରଚାରରେ ଉପଯୋଗ କରିପାରିବେ। ସେହିପରି ପ୍ରତ୍ୟେକ ପ୍ରାର୍ଥୀଙ୍କୁ ୨ଟି ଲେଖାଏଁ ସତ୍ୟପାଠ ଦେବାକୁ ପଡ଼ିବ। ଗୋଟିଏ ସତ୍ୟପାଠରେ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା, ଅପରାଧିକ କାର୍ଯ୍ୟକଳାପ ଓ ସମ୍ପତି ବିବରଣୀ ଏବଂ ଅନ୍ୟ ସତ୍ୟପାଠରେ ପ୍ରାର୍ଥୀଙ୍କର ଜଣେ ଜୀବିତ ପତ୍ନୀ ଥିବା ଓ ସନ୍ତାନ ସଂଖ୍ୟା ୨ରୁ ଅଧିକ ହୋଇନଥିବ ବୋଲି ଜଣାଇବେ ।ସେହିପରି ରାଜନୀତିକ ଦଳଗୁଡ଼ିକ ପୌରାଂଚଳ ଓ ଏନଏସିରେ ନିଜର ପ୍ରତିନିଧି ନିମନ୍ତେ ଫର୍ମ ୯ରେ ଓ ମହାନଗର ପାଇଁ ଫର୍ମ ୧୨ରେ ନିଜର ପ୍ରତିନିଧିଙ୍କ ନାଁ ୭ତାରିଖ ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିବେ । ସେହିପରି ଅନ୍ୟ ୨ଟି ଫର୍ମରେ ରାଜନୀତିକ ଦଳଗୁଡ଼ିକ ପୌରାଂଚଳ ଓ ଏନଏସି ନିମନ୍ତେ ଦଳୀୟ ପ୍ରାର୍ଥୀ ତାଲିକା ଏବଂ ମହାନଗରର ପ୍ରାର୍ଥୀ ତାଲିକା ମଧ୍ୟ ୬ ତାରିଖ ସନ୍ଧ୍ୟା ସୁଦ୍ଧା ଦାଖଲ କରିବେ ।ହାଇକୋର୍ଟରେ ମାମଲା ଥିବାରୁ ପୁରୀ ପୌର ପରିଷଦରେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି । ଚଳିତଥର ପ୍ରଥମଥର ପାଇଁ ନବଗଠିତ ଚାନ୍ଦବାଲି, ଧାମନଗର, ବିଜେପୁର ଓ ରେମୁଣା ଏନଏସିରେ ନିର୍ବାଚନ କରାଯିବ। ୩ଟି ମହାନଗର ନିଗମରେ ମୋଟ ୧୪.୨୬ଲକ୍ଷ ଭୋଟର ଏବଂ ବାକି ୧୦୬ଟି ପୌରାଂଚଳରେ ପ୍ରାୟ ୨୭ଲକ୍ଷ ଭୋଟର ରହିଛନ୍ତି। ୧୦୬ଟି ପୌରାଂଚଳରେ ମୋଟ୍ ୩୦୩୦ଟି ବୁଥ୍ ଓ ୩ଟି ମହାନଗର ନିଗମରେ ୧୪୦୭ଟି ବୁଥ୍ ରହିଛି। ୩ଟି ମହାନଗର ନିଗମରେ ମୋଟ ୧୬୮ଟି ୱାର୍ଡ ଓ ୧୦୬ଟି ପୌରାଂଚଳରେ ୧୭୩୧ଟି ୱାର୍ଡରେ ଭୋଟ ଗ୍ରହଣ ହେବ।










# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

## ବାଲି ନିର୍ମିତ ହୋଟେଲ୍

ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ୱା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେ୍ଦଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟକଙ୍କ ଭିଡ। ଏହି ଉଦେ୍ଦଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢ଼ାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢ଼ା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଣ୍ୟରେ ସାହାଯଣ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ୟତୀତ ଅନଣ୍ୟ ରାଜଣ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ୟାରେ ପର୍ଯ୍ୟଣ୍ଟ୍ୟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଣ୍ଟ୍ୟକଙ୍କ ବର୍ଦ୍ଧିତ ସଂଖଣ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଣ୍ଟ୍ୟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଣ୍ଟ୍ୟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ୱା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଣ୍ଟ୍ୟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଣ୍ଟ୍ୟକଙ୍କ ଭିଡକୁ ଲକ୍ଷଣ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ୟତି ହେବି ନାହିଁ।



## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଣ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଣ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଲ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଣ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଢ଼ମ ଘାସ। କାର ନିର୍ମାତାମାନେ ସେହି ସିଢ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଫେବୃଆରୀ ୨୬

# ଗୁଜବକାରୀଙ୍କ ହୀନ ଚକ୍ରାନ୍ତ





କଥାରେ ଅଛି 'ଢୋଲ ବାଇଦ କୋଶେ', 'ତୁଣ୍ଡ ବାଇଦ ସହସ୍ର କୋଶ' ଅର୍ଥାତ 'ଢୋଲ'ର ଶବ୍ଦ ସିମୀତ ଅଂଚଳ ପାଇଁ ଶୁଭିଥାଏ। କିନ୍ତୁ ତୁଣ୍ଡ ବାଇଦ, କାନକୁ କାନ ହୋଇ କ୍ଷିପ୍ର ଗତିରେ ବ୍ୟାପୀ ଯାଇଥାଏ। ଯାହାକୁ ଏବେ 'ଗୁଜବ' ବୋଲି କୁହାଯାଉଛି। 'ଗୁଜବ'ର ବେଗ ଏତେ ଅଧିକ ଯେ, ମନ, ପବନର ବେଗ ଠାରୁ ଏହା ଅଧିକ କ୍ଷିପ୍ର ବୋଲି କହିଲେ ଅତିରଂଜିତ ହେବ। ଏଇ ନିକଟରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ଏପରି ସାରା ରାଜ୍ୟରେ ବ୍ୟାପିଯାଇଥିଲା ଯେ, ରାଜ୍ୟରେ ଚାଲିଥିବା ପଂଚାୟତ ନିର୍ବାଚନର ଚର୍ଚ୍ଚା, ତା' ଆଗରେ ଫିକା ପଡିଯାଇଥିଲା। ଲୋକେ ପ୍ରାର୍ଥୀ କିମ୍ବା ଦଳ ସମ୍ପର୍କରେ ଆଲୋଚନା କରିବା ପରିବର୍ତ୍ତେ ନବୀନଙ୍କ ସ୍ୱାସ୍ଥ୍ୟ ନେଇ ଦଳ ଦଳ ହୋଇ ଆଲୋଚନା କରୁଥିବା ଦେଖାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିବା, ମନ୍ଦିର ବେଢାରେ ବୁଲିବା ଏବଂ ସେ ନିଜେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିବା ପରେ ନିମିଷକ ମଧ୍ୟରେ ଏଭଳି ଗୁଜବ (ଅପ୍ରଚାର) ଉଭେଇ ଯାଇଥିଲା। ଏହା ଗୁଜବକାରୀଙ୍କ ଏକ ହୀନ ଚକ୍ରାନ୍ତ ବ୍ୟତୀତ ଅନ୍ୟ କିଛି ନୁହେଁ। ଏହା ନିଶ୍ଚିତ ଯେ, ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଏଭଳି ଗୁଜବ ନୂଆ ନୁହେଁ। ଅତୀତରେ ପାଂଚ, ପାଂଚ ଥର ଏଭଳି ଗୁଜବ ରାଜ୍ୟର ଜନସାଧାରଣ ଶୁଣି ସାରିଲେଣି। ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରତିଥର ସଂକ୍ଷିପ୍ତ ଉତରରେ ସେ ସବୁର ଅବସାନ ଘଟାଇବାରେ ସମର୍ଥ ହୋଇଛନ୍ତି। ଗତ ୨୦୧୯ ଲୋକସଭା ଓ ବିଧାନସଭା ନିର୍ବାଚନ ସମୟରେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ବିରୋଧୀ ଗୁଜବ ସୃଷ୍ଟି କରିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ନିଜେ ଓଡ଼ିଶା ସାରା ଏକାକୀ ବୁଲି ଦଳକୁ କେବଳ ବିଜୟୀ କରିନଥିଲେ, ଭାରତୀୟ ରାଜନୀତିରେ ସବୁଠୁ ଲୋକପ୍ରିୟ ନେତା ଭାବେ ନିଜକୁ ପ୍ରମାଣିତ କରାଇପାରିଥିଲେ। ନିକଟରେ ଗତ ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଉତ୍ସବ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟ ନେଇ ଯେଉଁ ଗୁଜବ ଉଠିଥିଲା, ଲୋକସେବା ଭବନ ପରିସରରେ ଥିବା ଉଦ୍ୟାନରେ ଏକାକୀ ବୁଲି 'ଗୁଜବ'ର କଡା ଜବାବ ଦେଇଥିଲେ। ଆହୁରି ମଧ୍ୟ ସାଧାରଣତନ୍ତ୍ର ଦିବସରେ ଜାତୀୟ ପତାକା ଉତ୍ତୋଳନ ସ୍ଥଳକୁ କିଛି ଦୂରରୁ ଏକାକୀ କ୍ଷିପ୍ର ଗତିରେ ଚାଲି ଚାଲି ଯିବା ଘଟଣାରେ ସମସ୍ତେ ବିସ୍ମିତ ହୋଇଯାଇଥିଲେ। ଏହା ସତ୍ୟ ଯେ, କ୍ରମାଗତ ପଂଚମ ଥର ପାଇଁ ସେ ମୁଖ୍ୟମନ୍ତ୍ରୀ ଭାବେ ଶାସନର ଡୋରି ସମ୍ଭାଳିଛନ୍ତି। ଭାରତୀୟ ଆଂଚଳିକ ଦଳ ରାଜନୀତିରେ କ୍ରମାଗତ ଭାବେ ପାଂଚଥର ମୁଖ୍ୟମନ୍ତ୍ରୀ ହୋଇ କେବଳ ଇତିହାସ ସୃଷ୍ଟି କରିନାହାଁନ୍ତି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନିଜକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି। ତାଙ୍କର ଲୋକପ୍ରିୟତା ଏପରି ଅକ୍ଷୁର୍ଣ୍ଣ ରହିଛି ଯେ, ପ୍ରତି ଥର ନିର୍ବାଚନରେ ବିଜେଡିର ସଦସ୍ୟଙ୍କ ବଢିବାରେ ଲାଗିଛି। କହିବା ବାହୁଲ୍ୟ ତାଙ୍କର ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ବିରୋଧୀ ବାରମ୍ବାର ବିଭିନ୍ନ ସମୟରେ ବିଶେଷ କରି ନିର୍ବାଚନ କାଳରେ ଗୁଜବ ସୃଷ୍ଟି କରିଥାନ୍ତି। ମାତ୍ର ସ୍ମିତ ହାସ୍ୟ ବଦନରେ ସଂକ୍ଷିପ୍ତ ଉତର ଦେଇ ଗୁଜବକୁ ଉଡାଇ ଆସିଛନ୍ତି। ଯେମିତି ଶୂନ୍ୟରୁ ଗୁଜବ ଆସିଥାଏ, ସେମିତି ଶୂନ୍ୟରେ ମିଳାଇଯାଇଥାଏ। ଏବେ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଭୋଟ ଚାଲିଛି। ଏପରି ସମୟରେ ଏହି ଗୁଜବ କ୍ଷିପ୍ର ଗତିରେ ମାଡି ଯାଇଥିଲା। ଗୁଜବ ନେଇ ଅନ୍ୟ କୌଣସି ନେତା ହୋଇଥିଲେ, ସ୍ପଷ୍ଟୀକରଣ ଦେଇଥାନ୍ତେ। ମାତ୍ର ନବୀନ ନିବାସ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ସ୍ପଷ୍ଟିକରଣ ଦିଆଯାଇନଥିଲା। ଖୋଦ ମୁଖ୍ୟମନ୍ତ୍ରୀ ମନ୍ଦିର ବେଢା ବୁଲି ଗୁଜବର ଯଥାର୍ଥ ଉତର ଦେଇଛନ୍ତି। ନବୀନ ବାବୁଙ୍କର ଏହା ହେଉଛି ବିଶେଷତ୍ୱ ସେ ଲମ୍ବା ଭାଷଣ ଦିଅନ୍ତି ନାହିଁ କି କାହା ବିରୁଦ୍ଧରେ ବିଷୋଦଗାର କରିବା କେହି ଶୁଣିନାହାଁନ୍ତି। ପ୍ରବାଦପୁରୁଷ ସ୍ୱର୍ଗତଃ ବିଜୁବାବୁଙ୍କ ପରି ଏହା ହେଉଛି ତାଙ୍କର ନିଜସ୍ୱ ଶୈଳୀ। ଏଭଳି ଗୁଜବ ସୃଷ୍ଟିକାରୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ତଦନ୍ତ ପାଇଁ ଦୁଇ ପ୍ରମୁଖ ବିରୋଧି ଦଳ କଂଗ୍ରେସ ଓ ବିଜେପି ଦାବି କରିଛନ୍ତି। ଏହା କିନ୍ତୁ ନିଶ୍ଚିତ ଯେ, ରାଜ୍ୟରେ ଏବେ ପଂଚାୟତ ନିର୍ବାଚନ ପାଇଁ ଭୋଟ ଚାହିଁଥିବାରୁ ବର୍ତମାନର ରାଜନୀତିକ ସ୍ଥିତିକୁ ଗୋଳିଆ କରିବା ପାଇଁ ବିରୋଧିଙ୍କର ଯେ, ଏହା ଏକ ଚାଲ, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଗୁଜବ ସୃଷ୍ଟିକାରୀଙ୍କ ପ୍ରତି ରାଜ୍ୟବାସୀ ସତର୍କ ରହିବା ଜରୁରୀ। ଗୁଜବ ସୃଷ୍ଟିକାରୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ, ଜନସାଧାରଣ ଚାହାଁନ୍ତି। ଆମେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟଙ୍କର ଦୀର୍ଘ, ନିରାମୟ ଜୀବନ କାମନା କରୁଛୁ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ତେଜସ୍‌ର ତେଜ

**ସୌମେନ୍ଦ୍ର ଜେନା**

ଭାରତର ହାଲୁକା ଏକ ଇଞ୍ଜିନ ବିଶିଷ୍ଟ ଯୁଦ୍ଧବିମାନ ତେଜସକୁ କେନ୍ଦ୍ରକରି ଚର୍ଚ୍ଚା ସବୁଠି ଜାରି ରହିଛି । ସଂପ୍ରତି ବ୍ରିଟେନରେ ୱାଡିଙ୍ଗଟନଠାରେ ମାର୍ଚ୍ଚ ୬ରୁ ୨୨ତିନି ସପ୍ତାହ ପାଇଁ ଆୟୋଜିତ ହେଉଥିବା କୋବ୍ରା ୱାରିଅର ୨୨ ବହୁମୁଖୀ ବାୟୁସେନା ଅଭ୍ୟାସରେ ଅଂଶଗ୍ରହଣ କରିବାକୁ ଭାରତରୁ ବାୟୁସେନା ପାଞ୍ଚୋଟି ତେଜସ ବିମାନ ପଠାଇବ ବୋଲି ଜଣାପଡିଛି । ତେଜସ୍‌କୁ ସି-୧୭ ବିମାନ ପରିବହନଗତ ସୁବିଧା ଯୋଗାଇବ । ନିକଟରେ ସିଙ୍ଗାପୁରଠାରେ ତେଜସ୍‌ର ଶକ୍ତି ପ୍ରଦର୍ଶନରେ ଦେଖାଣାହାରୀ ଏବଂ ବିଶେଷଜ୍ଞମାନେ ଚମତ୍କୃତ ହୋଇଥିଲେ । ଫେବୃଆରୀ ୧୫-୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ଏୟାର ସୋରେ ତିନୋଟି ତେଜସ୍ ସହ ଭାରତୀୟ ବାୟୁସେନାର ୪୪ଜଣିଆ ଦଳ ସିଙ୍ଗାପୁର ଯାଇଥିଲେ । ଯେଉଁମାନେ ତେଜସ୍‌ର ନିର୍ମାଣ ଗତିକୁ ଲକ୍ଷ୍ୟକରି ଏହାକୁ ଉପହାସ କରୁଥିଲେ ସେମାନେ ତେଜସ୍‌ର ଉପସ୍ଥିତିରେ ନିଜେ ଅନୁପସ୍ଥିତ ରହୁଛନ୍ତି । ଚୀନ-ପାକ୍‌ର ମିଳିତ ପ୍ରକଳ୍ପ ଜେଏଫ୍-୧୭ ଥଣ୍ଡର ଯୁଦ୍ଧବିମାନ କ୍ଷେତ୍ରରେ ଏହା ଆମେ ଦେଖିସାରିଛୁ । ମାଲେସିଆକୁ ତେଜସ ଯିବାପରେ ଚୀନର ଯୁଦ୍ଧବିମାନ ପ୍ରଦର୍ଶନକୁ ହଟାଇ ନିଆଯାଇଥିଲା । ଠିକ୍ ସେମିତି ଦୁବାଇ ଏୟାର ସୋରେ ମଧ୍ୟ ତେଜସ୍ ଯୋଗଦେବା ଦେଖି ପାକ୍-ଚୀନ ପଛକୁ ହଟିଥିଲେ । ଏକଥା ସତ ଯେ ତେଜସର ନିର୍ମାଣ ପାଇଁ ଗତ ୪୧ବର୍ଷ ଧରି ଭାରତ ପ୍ରୟାସ କରି ଯଥେଷ୍ଟ ସମୟ ନଷ୍ଟ କରିସାରିଛି । ଏହି ବିମାନର ପରିକଳ୍ପନାଠାରୁ ଆଜିର ପରିଣତି ପର୍ଯ୍ୟନ୍ତ ଅନୁଧ୍ୟାନକଲେ ଜଣାଯିବ ଯେ ରାଜନୀତିକ ଇଚ୍ଛାଶକ୍ତିର ଅଭାବ, ଗବେଷଣାରେ ଦୁର୍ବଳତା, ସେନାବାହିନୀ ମନରେ ତେଜସକୁ ନେଇ ବାରମ୍ବାର ଦ୍ୱନ୍ଦ୍ୱ ସୃଷ୍ଟି ହେବା ଯୋଗୁ ଏହାର ନିର୍ମାଣ ଓ ବିକାଶରେ ଯଥେଷ୍ଟ ସମୟ ନଷ୍ଟ ହୋଇସାରିଛି । ଏବେ ବିଶ୍ୱ ବଜାରରେ ନିଜର ଦକ୍ଷତା ପ୍ରଦର୍ଶନ କରି କ୍ରୟାଦେଶ ହାସଲ କରିବା ରହିଛି ମୁଖ୍ୟଲକ୍ଷ୍ୟ । କାରଣ ପୂର୍ବରୁ ବିଦେଶରୁ ଯୁଦ୍ଧବିମାନ କ୍ରୟ କରିବା, ଖରାପ ହେଲେ ସଜାଡିବା ପାଇଁ ତିନିବର୍ଷ ଅପେକ୍ଷା କରିବା ସେନାବାହିନୀ ପାଇଁ ସାଧାରଣ ଥିଲା । ବିଦେଶୀ କମ୍ପାନୀଙ୍କଠାରୁ ଯୁଦ୍ଧବିମାନ କ୍ରୟବେଳେ ଅନେକ ନିୟମ ଉତ୍ପାଦନକାରୀ ଦେଶ ବା କମ୍ପାନୀ ସପକ୍ଷରେ ଯାଉଥିଲା । ଯେଉଁଥିପାଇଁ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆମଦାନୀକାରୀ ରାଷ୍ଟ୍ର ହୋଇ ରହିଥିଲା । କିନ୍ତୁ ଏବେ କେନ୍ଦ୍ର ସରକାର ଗୋଟିଏ ପଟେ ତେଜସ୍‌ର ଉତ୍ପାଦନ ସହ ଅନ୍ୟପଟେ ତେଜସ୍‌ର ଆଧୁନିକୀକରଣ ଏବଂ ନୂତନ ପିଢୀର ଗବେଷଣା ପାଇଁ ଜୋର ଦେଇଛନ୍ତି । ତେଜସ୍‌ର ବାୟୁସେନା ଓ ନୌସେନା ପାଇଁ ଭିନ୍ନ ଭିନ୍ନ ଶ୍ରେଣୀର ତେଜସ ବ୍ୟବହାର କରିବାକୁ ସରକାର ଅର୍ଥ ପ୍ରଦାନ କରି ପ୍ରୋତ୍ସାହିତ କରିବାରେ ଲାଗିଛନ୍ତି । ହାଲୁକା ଶ୍ରେଣୀର ପ୍ରସ୍ତୁତ ଯୁଦ୍ଧବିମାନ ତେଜସ ବିଦେଶରେ ଶହେ ବର୍ଷ ତଳର କମ୍ପାନୀଗୁଡିକ ସହ ପ୍ରଦର୍ଶନରେ ଅଂଶଗ୍ରହଣ କରି ଯେପରି ଉଡାଣ ବେଳେ ଦକ୍ଷତା ପ୍ରଦର୍ଶନ କରିପାରିଛି ତାହା ବେଶ୍ ପ୍ରଶଂସନୀୟ । ବିଶ୍ୱର ବିମାନ ବଜାରରେ ତେଜସକୁ ଶିଶୁ ବୋଲି କୁହାଯାଇପାରେ । କିନ୍ତୁ ତାର ଦକ୍ଷତା ବାଳକୃଷ୍ଣଙ୍କ ସଦୃଶ । ସିଙ୍ଗାପୁର ପ୍ରଦର୍ଶନରେ ତେଜସ୍‌ର ଗତି, ଆକାଶରେ ଓଲଟଗତି, ଉପରୁ ତଳକୁ ଚିଲପରି ସିଧା ଖସିବା ଗତି ଆଦି ଭିନ୍ନ ଭିନ୍ନ ଦକ୍ଷତା ଦେଖି ସମସ୍ତେ ମନ୍ତ୍ରମୁଗ୍ଧ ହୋଇଥିଲେ । ଏପରିକି ମାଲେସିଆର ଅଧିକାରୀଗଣ ତେଜସ୍ ପ୍ରଦର୍ଶନକୁ ଆଗ୍ରହ ସହ ନିରୀକ୍ଷଣ କରିଥିବା କୁହାଯାଉଛି । କାରଣ ମାଲେସିଆ ତେଜସ ଉପରେ ଦୃଷ୍ଟି ରଖିଛି ।



ତେଜସ୍‌କୁ ଆମେ ଅନ୍ୟାନ୍ୟ ରାଷ୍ଟ୍ରର ଏକ ଇଞ୍ଜିନ ବିଶିଷ୍ଟ ବିମାନ ମଧ୍ୟରେ ତୁଳନା କରିପାରିବା । ଅନ୍ୟସବୁ ହାଲୁକା ଯୁଦ୍ଧବିମାନ ତୁଳନାରେ ତେଜସ ସବୁଠୁ ଆଗରେ ରହିଛି । ଏବେ ଏହାର ବଜାର ଏବଂ ଉତ୍ପାଦନ ବଢାଇ ଅର୍ଥ ରୋଜଗାର ସହ ନୂତନ ଗବେଷଣା ଓ ଆଧୁନିକିକରଣ ପାଇଁ ଅର୍ଥ ନିବେଶର ଆବଶ୍ୟକତା ରହିଛି । ଭାରତୀୟ ବାୟୁସେନା ଏହାର ରକ୍ଷଣାବେକ୍ଷଣ ଏବଂ ଆଧୁନିକୀକରଣ କରୁଥିବା ହେତୁ ଆଗାମୀ ଦିନରେ ବାୟୁସେନା ପାଇଁ ଏହା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ । ସେଥିପାଇଁ ୮୩ଟି ତେଜସ୍ ଏମ୍‌କେ-୧ ନିର୍ମାଣ ପାଇଁ ଅର୍ଡର ଦିଆଯାଇସାରିଛି । ଆଜି ଏହି ବିମାନ କେବଳ ବାୟୁସେନା କିମ୍ବା ସ୍ଥଳସେନା ମଧ୍ୟରେ ସୀମିତ ନରହି ବିମାନବାହୀ ଯୁଦ୍ଧପୋତରେ ମଧ୍ୟ ଅବତରଣ କରିସାରିଛି । ତେଜସର ଏହି ସଫଳତା ଯୋଗୁ ଅନେକ ବଡ ଦେଶର ନେତାଗଣ ଭାରତ ସହ ବଡ ବଡ ପ୍ରକଳ୍ପରୁ ଓହରି ଯିବାକୁ ଘୋଷଣା କଲେଣି । ବୁଡାଜାହାଜର ପ୍ରକଳ୍ପରୁ ନିକଟରେ ରୁଷିଆ ବାହାରିଯାଇଛି । ଏବେ ଫ୍ରାନ୍ସ ଉପରେ ଆଶାରଖି ବିଦେଶ ମନ୍ତ୍ରୀ ଜୟଶଙ୍କର ତିନିଦିନିଆ ପ୍ୟାରିସ ଗସ୍ତ କରିଛନ୍ତି । ସେଠାରେ ସେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ଅଧିକ ଆଲୋଚନା କରି ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରିବାକୁ ଉଦ୍ୟମ କରିବେ । କାରଣ ଅନେକବର୍ଷ ପରେ ଏବେ ରୁଷିଆ ପାକିସ୍ଥାନ ସହ ସଂପର୍କ ବୃଦ୍ଧିପାଇଁ ବାଟ ଫିଟାଇସାରିଛି । ଆଗାମୀ ଦିନରେ ପାକ୍-ଚୀନ-ରୁଷିଆ ମେଣ୍ଟ ସହ ଉତ୍ତର କୋରିଆ, ଇରାନ ଏବଂ ମଧ୍ୟ ଏସିଆର ରାଷ୍ଟ୍ରଗୁଡିକୁ ରଖିବାଲାଗି ପ୍ରୟାସ ଜାରି ରହିଛି । ଏପରିକି ଦକ୍ଷିଣ ଆମେରିକାର ରାଷ୍ଟ୍ର ଆର୍ଜେଣ୍ଟିନା ଏବେ ଚୀନ ଓ ରୁଷିଆର ଅଧିକ ନିକଟତର ହେବାକୁ ଘୋଷଣା କରିସାରିଛି । ଏଥିପାଇଁ ପୃଥିବୀର ପରିବର୍ତ୍ତିତ ଭୂ-ରାଜନୈତିକ ପରିସ୍ଥିତିରେ ଭାରତ ଦିନକୁ ଦିନ ଆତ୍ମନିର୍ଭର ହେବାକୁ ପ୍ରୟାସ ଜାରିରଖି ତେଜସର ଅଧିକ ବିକ୍ରି ପାଇଁ ଚେଷ୍ଟା ଚଳାଇଛି ।

ଦେଶରେ ସ୍ୱାଧୀନତାର ୭୫ବର୍ଷ ପାଳିତ ହେବା ଅବସରରେ ଜାନୁଆରୀ ୨୬ରେ ଅନୁଷ୍ଠିତ ନୂଆଦିଲ୍ଲୀର ପରେଡରେ ୭୫ ଯୁଦ୍ଧ ବିମାନର ପ୍ରଦର୍ଶନରେ ତେଜସ ସ୍ଥାନ ପାଇଥିଲା । ସାଧାରଣତନ୍ତ୍ର ଦିବସ ଅବସରରେ ୩ଟି ତେଜସ୍ ୩୦୦ମିଟର ଉଚ୍ଚରେ ଘଣ୍ଟାକୁ ୭୫୦କି.ମି ବେଗରେ ଉଡାଣ ଭରିଥିଲେ । ପ୍ରଥମ ଉଡାଣ ଭରିବାର ୨୦ବର୍ଷ ପରେ ପ୍ରଥମଥର ପାଇଁ ଏହା ସାଧାରଣତନ୍ତ୍ର ଦିବସ ପରେଡରେ ସାମିଲ ହୋଇଥିଲା । ଫେବୃଆରୀ ୨୦୧୯ରୁ ଏହା କ୍ଷେପଣାସ୍ତ୍ରଧାରଣ କ୍ଷମତା ସହ ଭାରତୀୟ ବାୟୁସେନାରେ କାର୍ଯ୍ୟପାଇଁ ଅନୁମତି ପାଇସାରଛି । ସେଥିପାଇଁ ଗତବର୍ଷ ୭୩ ସଂଖ୍ୟକ ଯୁଦ୍ଧବିମାନ ସହ ୧୦ ପ୍ରଶିକ୍ଷଣ ତେଜସ ନିର୍ମାଣ ପାଇଁ ୪୫୬୯୬ କୋଟିର ଅର୍ଥ ବ୍ୟବସ୍ଥା ସରକାର କରିସାରିଛନ୍ତି । ତେଜସର ଡିଜାଇନ ଏରୋନଟିକଲ ଡେଭଲପମେଣ୍ଟ ଏଜେନ୍ସୀ କଲାବେଳେ ନିର୍ମାଣ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) କରୁଛି । ପ୍ରତି ତେଜସର ଦର ୩୦୯କୋଟିଥିଲା ବେଳେ ପ୍ରଶିକ୍ଷଣ ବିମାନ ମୂଲ୍ୟ ୨୮୦ କୋଟି ରହିଛି । ଆଗାମୀ ଦିନକୁ ଆଖିରେ ରଖି ଶ୍ରୀଲଙ୍କା, ମାଲେସିଆ, ଭିଏତନାମ ଏବଂ ଇଣ୍ଡୋନେସିଆକୁ ଏହା ଯୋଗାଇବା ପାଇଁ ଉଦ୍ୟମ ଜାରି ରହିଛି । ୧୯୮୦ରୁ ତେଜସ୍‌ର ପ୍ରକଳ୍ପ ଆରମ୍ଭ ହୋଇ ୨୦୦୧ରୁ ଉଡାଣ ଭରିଥିବା ଏହି ବିମାନକୁ ଆଗକୁ ନେବାପାଇଁ ବର୍ତ୍ତମାନର ସରକାର ଉଦ୍ୟମ ଜାରି ରଖିଛନ୍ତି । ଫରେନ ପଲିସି ପତ୍ରିକା ଅନୁସାରେ ତେଜସରେ ଲାଗିଥିବା ଆମେରିକାର ଜିଇ କମ୍ପାନୀର ଇଞ୍ଜିନ, ଇସ୍ରାଏଲର ରାଡାର ଓ କ୍ଷେପଣାସ୍ତ୍ର, ପାକ୍ ଓ ଚୀନର ଜେଏଫ୍-୧୭ଥଣ୍ଡର ଯୁଦ୍ଧବିମାନ ତୁଳନାରେ ଅଧିକ ଶକ୍ତିଶାଳୀ । ପ୍ରତିରକ୍ଷା ସ୍ତମ୍ଭ ଲେଖକ ସାଲଭାଟୋର ବାବୋନ୍ସଙ୍କ ମତରେ ତେଜସ ଅଧିକ ବିଶ୍ୱାସଯୋଗ୍ୟ । ଚୀନା ବିମାନ ତୁଳନାରେ ଅଧିକ କ୍ଷମତା ବିଶିଷ୍ଟ ତେଜସ ଏମ୍‌କେ-୧ଏ ମଡେଲ ଆମେରିକାର ଏଫ୍-୧୬ ତୁଳନାରେ ଶସ୍ତା । ଚୀନ ବିମାନ ତୁଳନାରେ ଏମ୍‌କେ-୧ଏ ବିମାନର ମୂଲ୍ୟ ଅଧିକ ଥିଲେ ମଧ୍ୟ କାର୍ଯ୍ୟ ଓ ଗୁଣାତ୍ମକ ଦୃଷ୍ଟିରୁ ଚୀନା ବିମାନଠାରୁ ଅଧିକ ଭଲ । ସିଙ୍ଗାପୁର ଏୟାର ସୋରେ ଋଇନା ନେସନାଲ ଏରୋଟେକ୍‌ନୋଲୋଜୀ ଇମ୍ପୋର୍ଟ ଏଣ୍ଡ୍ ଏକ୍ସପୋର୍ଟ କର୍ପୋରେସନ ହେଲିକପ୍‌ଟର, ଡ୍ରୋନ, ଜେଏଫ୍-୧୭ ପ୍ରଦର୍ଶିତ କରିଥିଲେ ମଧ୍ୟ ପରେଡରେ ଅଂଶଗ୍ରହଣ କରିନଥିଲା । ୧୫ ଫେବୃଆରୀ ୨୦୨୨ଦିନ ସିଙ୍ଗାପୁର ଏୟାର ସୋର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ତେଜସ୍ ସ୍ଥାନ ପାଇଥିଲା । ୨୦୨୧ରେ ଦୁବାଇ ଏୟାର ସୋ ଏବଂ ୨୦୧୯ର ଲିମା ପ୍ରଦର୍ଶନୀରୁ ଶେଷ ମୁହୂର୍ତ୍ତରେ ଚୀନ ଓ ପାକ୍ ଜେଏଫ୍- ୧୭ ବିମାନକୁ ବାହାର କରିନେବା ଅନେକଙ୍କୁ ଚକିତ କରିଥିଲା । ୨୦୧୬ରେ ବାହାରିନର ଏୟାର ସୋରେ ଜେଏଫ୍-୧୭ ଓ ତେଜସ୍ ମୋଟ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଭାବେ ସ୍ଥାନ ପାଇଥିଲେ ହେଁ ତେଜସର ପ୍ରଦର୍ଶନ ହୋଇଥିଲା ବେଳେ ଜେଏଫ୍-୧୭ ହଟିଯାଇଥିଲା । ଏପରିକି ବାହାରିନ୍‌ର ପ୍ରଦର୍ଶନୀରେ ତେଜସ୍ ପାଖରେ ଜେଏଫ୍ -୧୭କୁ ରଖିବାକୁ ଏହି ଦୁଇଦେଶ ରାଜି ହୋଇନଥିଲେ ।

ହାଲର୍ ତେଜସ ଅତ୍ୟାଧୁନିକ ଏମ୍‌କେ- ୨ ଶ୍ରେଣୀର ଯୁଦ୍ଧବିମାନ ୨୦୨୩ରେ ପ୍ରଥମ ଉଡାଣ ଭରିବାକୁ ପ୍ରସ୍ତୁତି ଋଲିଛି । ଏହା ବହୁମୁଖୀ ଯୁଦ୍ଧବିମାନ ହେବ । ୨୦୨୬ରେ ଏହା ବାୟୁସେନାରେ ସାମିଲ ହେବ ବୋଲି ଲକ୍ଷ୍ୟ ରହିଛି । ଏହା ଜାଗୁଆର, ମିରେଜ-୨୦୦୦, ମିଗ୍ -୨୯ର ବିକଳ୍ପ ହେବ । ନଭେମ୍ବର ୨୦୦୯ରୁ ଏହାର କାର୍ଯ୍ୟକ୍ରମ ଆରମ୍ଭ ହୋଇ ୨୦୧୪ରେ ଶେଷ ହୋଇଥିଲା । ୨୦୧୯ ଏରୋ ଇଣ୍ଡିଆ ସୋରେ ଏହା ପ୍ରଦର୍ଶିତ ହୋଇଥିଲା । ଫେବୃଆରୀ ୨୦୨୧ରେ ଏହାର ସଂଶୋଧିତ ଡିଜାଇନର ନିର୍ମାଣ ଆରମ୍ଭ ହୋଇଥିଲା, ଯାହା ଚଳିତବର୍ଷ ଶେଷସୁଦ୍ଧା ଶେଷ ହୋଇ ଆଗାମୀ ବର୍ଷ ଉଡାଣ ଭରିବ ବୋଲି କୁହାଯାଉଛି । ଏଥିରେ ସର୍ବାଧିକ ଦୁଇଜଣ ଋଳକ ରହିପାରିବେ । ଏହାର ଲମ୍ବ ୧୪.୬୦ ମିଟର, ଡେଣା- ୮.୫୦ମିଟର, ଉଚ୍ଚତା- ୪.୮୬ ମିଟର, ଡେଣା ଅଞ୍ଚଳ- ୪୪.୩ ବର୍ଗମିଟର, ଖାଲି ବିମାନର ଓଜନ -୭୮୫୦ କିଗ୍ରା, ମୋଟ ଓଜନ-୧୧୩୦୦କିଗ୍ରା ଏବଂ ସର୍ବାଧିକ ଓଜନ କ୍ଷମତା -୧୭୫୦୦ କିଗ୍ରା ରହିବ । ଏହାର ତୈଳଧାରଣ କ୍ଷମତା -୩୩୦୦କିଗ୍ରା, ଗତି-୧.୩ ମାକ୍ (୨୩୮୫ ୩୬ କିମି ଘଣ୍ଟାପ୍ରତି), ଉଡାଣ କ୍ଷମତା- ୩୫୦୦ କିମି ରହିବ । ଏଥିରେ ବନ୍ଧୁକ ସହ ଆକାଶରୁ ଆକାଶ କ୍ଷେପଣାସ୍ତ୍ର ଆକ୍ରମଣ ପାଇଁ ଏମ୍‌ଆଇସିଏ ଏସ୍‌ରାମ, ମେଟେଓର, ଅସ୍ତ୍ର ଆଦି ଲାଗିବା ବ୍ୟବସ୍ଥା ରହିବ । ସେମିତି ଆକାଶରୁ ସ୍ଥଳଭାଗକୁ ମାଡ କରିବା ପାଇଁ ବ୍ରହ୍ମୋସ୍ତ୍ର -ଏନ୍‌ଜି, ଷ୍ଟର୍ମସାଡୋ,କ୍ରିଷ୍ଟାଲମେଡ୍, ଏଲ୍‌ଆର୍‌ଏଲ୍‌ଏସିଏମ୍ ଲଗାଯାଇପାରିବ । ରେଡିଏସନ୍ ବିରୋଧୀ ରୁଦ୍ରମ୍, ବୋମା ଦୃଷ୍ଟିରୁ ସ୍ପାଇସ, ଡିଆର୍‌ଡିଓ ଗ୍ଲାଇଡ, ଡିଆର୍‌ଡିଓ ସା, ଲେଜରବୋମା ସୁଦର୍ଶନ, କ୍ଲଷ୍ଟର ବୋମା ଆଦି ଲାଗିପାରିବ । ଏଥିରେ ଉତ୍ତମ ରାଡାର, ଇଲେକ୍‌ଟ୍ରୋନିକ ୱାରଫେଆର ସୁଟ, କ୍ଷେପଣାସ୍ତ୍ର ସତର୍କତା ବ୍ୟବସ୍ଥା, ଡେଆର ଟାର୍ଗେଟିଂ ପଡ୍ ଆଦି ରହିବ । ହାଲ୍‌ର ତେଜସ, ତେଜସ-୧ ପରେ ମାର୍କ -୨ ଶ୍ରେଣୀର ବିମାନ ଅତ୍ୟାଧୁନିକ ବ୍ୟବସ୍ଥା ଯୁକ୍ତ ହେବ ବୋଲି ଜଣାପଡିଛି । ତେଜସ ଶ୍ରେଣୀର ବିମାନ ଆଗାମୀ ଦିନରେ ଭାରତର ତେଜ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି କୁହାଯାଇପାରେ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ହୀରାଖଣ୍ଡର ହୀରା ବୀର ସୁରେନ୍ଦ୍ର ସାଏ

**--------ଅକ୍ଷୟ କୁମାର ରାଉତ--------**





ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ। ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ । ପୃଥ୍ୱୀରାଜ,ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ,ବକ୍‌ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଲାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ। ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ,ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ଋଦ୍ଧିମନ୍ତ କରିଛି । ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍‌ରାଜତ୍ୱ ଖ୍ରୀ:୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ବଳରାମ ଦେବଙ୍କ ପରେ ହ୍ରିଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ । ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ । ମଧୁକର ସାଏଙ୍କ ଛଅରାଣୀ ଏବଂ ପାଂଚ ପୁତ୍ର ଥିଲେ । ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ) । ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ । ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ।

ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଂଚଳ ପାଇଥିଲେ ମଧ୍ୟ ସମ୍ବଲପୁରରେ ରହୁଥିଲେ। ଅନିରୁଦ୍ଧ ସାଏଙ୍କ ପାଂଚ ପୁତ୍ର ଥିଲେ। ସେମୋନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ । ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ୍ୟ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ। ମଧୁସିଂହଙ୍କର ତିନିପୁଅ, ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ। ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ। ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ। ତେଜସିଂହଙ୍କ ପାଂଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ। ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ। ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ। ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କୀର୍ତି ଓ ପୃଥ୍ୱୀ। ପୃଥ୍ୱୀଙ୍କ ତିନୋଟି ପୁଅ ଥିଲେ। ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ। ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ। ଧର୍ମ ସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ। ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ। ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ। ସେମାନେହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଳ ସାଏ, ଜାଜ୍ୱଲ ସାଏ, ମେଦିନୀ ସାଏ, ଭଉଣୀ ଅଞ୍ଜନା। ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେଓ୍ୱାନ୍ ଆକବର ରାୟ ରାଜସୂପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ। ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା। ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ତ୍ରଧାରଣ କରିଥିଲେ। ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ । ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ। ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ। ୧୯୨୭ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ। ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତିଭୂମି ପ୍ରତିଷ୍ଠା କଲେ। ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ର ସାଏଙ୍କୁ ପ୍ରବର୍ତାଇଥିଲେ। ସୁରେନ୍ଦ୍ର ସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ। ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମ ହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା। ସୁରେନ୍ଦ୍ର ସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ। ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ। ଇଂରେଜମାନେ ରାଣୀ ମୋହନ କୁମାରୀକୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ। ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା। ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା। ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଳା-ଭଣଞ୍ଜା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଆସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ। ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ । ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ । ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ। ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ । ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା । ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ, ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ। ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀ କଲେ। ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ। ୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁ ହେଲା। ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନ କରିଥିଲେ। ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା। ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତୃପକ୍ଷ କରାଇଥିଲେ। ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା । ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀ ମାନେ ହଜାରିବାଗ ଜେଲଭାଙ୍ଗି ଦେଲେ । ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତାର ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା। ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଂଚିବାପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ । ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ। ଘଂଚବନାନୀ, ଗିରିଶୃଙ୍ଗକୁ ବିପ୍ଳବିମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ । ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ତ୍ୱେ ଇଂରେଜମାନେ ଧରିପାରିନଥିଲେ। ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଲ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ମାତ୍ର କିଛି ଫଳ ହେଲାନାହିଁ । ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ। ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା । ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨. ୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ । ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ରାୟପ୍ରକାଶ କରିଥିଲେ।

୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ। ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତୃପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ। ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା। ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀରପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ।

*-ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର,*
*ମୋ: ୯୯୩୭୬୯୧୪୭୫*



# କୃଷି ଦୁନିଆ

## ଜୀବିକାର ରାହା ଯୋଗାଇଛି ଜୈବିକ ଚାଷ





**ପ୍ର: ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉ: ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବର୍ତ୍ତୀ ସମରେ କୃଷି ବିଶେଷଜ୍ୟ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ର: ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ୱର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର, ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମିତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର, ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଉଳାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ-୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ି ନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

ଉ: ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ର: ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉ: ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ର: ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉ: ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ, ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି। ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ର: ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉ: ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

## ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଈ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**- ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ, ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**- ପ୍ରକାଶ ପଲେଇ, ବଉଳାବନ୍ଧ**



ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।

**- ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

**ଲକ୍ଷଣ :**



- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

## ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡ଼େନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।

**ଉପକାରିତା -**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।



**ଉପଯୁକ୍ତ ଫସଲ ଚୟନ-**

ଯଦିଓ ରୁଫଟପ୍ ଗାର୍ଡ଼େନିଙ୍ଗ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।



ସୁତରାଂ ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡ଼େନିଙ୍ଗ୍‌ରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ ବ୍ୟବହାର କରିପାରିବା।

## ଆର୍ଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

**ଇଂ ଅଭୟ ସୂତାର**

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଡାରୁ କାର୍ଡ଼ବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଢ଼ାଞ୍ଚାରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହିଁ । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରେଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୁହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତ୍‌ଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପ୍‌ଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କାସ, ଜାମ୍ ଓ ଜେଲି ଏବଂ ଚୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀକୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି। କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**








ନୟାଗଡ଼ ଜିଲ୍ଲା ଗୋଳାପୋଖରୀ ଗ୍ରାମପଞ୍ଚାୟତର ତରବାଲୋ ଗ୍ରାମରେ ଶାନ୍ତି ଶୃଙ୍ଖଳା ସହ ଭୋଟ ଦେଉଛନ୍ତି

# ଭୋଟ ଗଣତିରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ

ଧର୍ମଶାଳା, (ପିଏନ୍): ଶନିବାର ପ୍ରଥମ ପର୍ଯ୍ୟାୟ ଭୋଟ ଗଣତି ଆରମ୍ଭ ହେବ । ଏହିକ୍ରମରେ ଧର୍ମଶାଳା ବ୍ଲକର କଲେଜରେ ସକାଳ ୮ଟାରୁ ୧୧ ନମ୍ବର ଜୋନର ଭୋଟ ଗଣତି ଆରମ୍ଭ ହୋଇ ଶେଷ ହେବା ପର୍ଯ୍ୟନ୍ତ ଚାଲୁରହିବ । ପ୍ରଥମ ଦିନରେ ଗୋଟିଏ ମାତ୍ର ୧୧ ନମ୍ବର ଜିଲ୍ଲାପରିଷଦ ଜୋନ ପାଇଁ ଗଣତି ହେବାକୁଥିବା ବେଳେ ଏହି ଜୋନରେ ଜିଲ୍ଲାପରିଷଦ ସମେତ ୯ ଗୋଟି ପଂଚାୟତର ସରପଂଚ, ସମିତିସଭ୍ୟ ୱାର୍ଡମେମ୍ବର ପଦବୀ ପାଇଁ ଗଣତି ହେବ । ୧୧ ନମ୍ବର ଜୋନରେ ଆସୁଥିବା ଅିରା, ଚକ୍ରଧରପୁର, ଏଣ୍ଡଲବା, କବାଟବନ୍ଧ, ମଧୁସୁଦନପୁର, ମିର୍ଜାପୁର, ରାଇଛନ୍ଦା, ରେଖିଦେଇପୁର ଓ ତାଳଜଙ୍ଗ ଆଦି ୯ ଗୋଟି ପଂଚାୟତର ଭୋଟ ଗଣତି ହେବ । ଚଳିତଥର ଏହି ଜୋନରୁ ବିଜେଡି ପ୍ରାର୍ଥୀ ଭାବେ ସୁଧାଂଶୁ ଭୂଷଣ ସାହୁ, ବିଜେପିରୁ ବିଷ୍ଣୁ ସାହୁ ଓ କଂଗ୍ରେସ ଦଳରୁ ଗଙ୍ଗାଧର ମଲିକଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ଏହି ଗଣତି ବେଳେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ୨ଜଣ ଇନିସପେକ୍ଟର, ୮ ଜଣ ସବ ଇନିସପେକ୍ଟର, ୧୧ ଜଣ ଏଏସଆଇ, ୧୨ ଜଣ କନେଷ୍ଟବଳ ଓ ହୋମଗାର୍ଡ ସମେତ ୫ ସେକସନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି ବୋଲି ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଖୋର୍ଦ୍ଧାରେ ଆସନ୍ତାକାଲିଠାରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ଭୋଟ ଗଣତି

ଖୋର୍ଦ୍ଧା, (ପିଏନ):ପ୍ରତି ବ୍ଲକ ହେଡକ୍ୱାଟର ଠାରେ ଭୋଟ ଗଣତି କାର୍ଯ୍ୟକ୍ରମ ସକାଳ ୮ ଘଟିକାରୁ ଆରମ୍ଭ ହେବ । ଏହି ଗଣତି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ନିର୍ବାଚନ ମଣ୍ଡଳୀ ଅନୁସାରେ ଗଣତି କରାଯିବ । କୌଣସି ବ୍ଲକରେ ୩ ରୁ ଅଧିକ ଜିଲ୍ଲାପରିଷଦ ନିର୍ବାଚନ ମଣ୍ଡଳୀ ଥିଲେ ଗୋଟିକରୁ ଅଧିକ ନିର୍ବାଚନ ଗଣତି ହଲ ରହିବ । ଗୋଟିଏ ହଲରେ ୮ ଗୋଟି ଗ୍ରାମ ପଂଚାୟତର ଗଣତି,ଗୋଟିଏ ଗ୍ରାମ ପଂଚାୟତ ପାଇଁ ଗୋଟିଏ ଟେବୁଲ ଗଣତି ହଲ ଓ ଗଣତି ସେଂଟର ଚତୁଃପାର୍ଶ୍ୱରେ କଡା ସୁରକ୍ଷା ବ୍ୟବସ୍ଥା କରାଯିବ । ଭୋଟ ଗଣତି ପାଇଁ ବିଡିଓ ମାନେ ନିର୍ବାଚନ ଅଧିକାରୀ ,ଜିଲ୍ଲାପାଳ ଗଣତି ପ୍ରକ୍ରିୟା ଅନୁଧ୍ୟାନ କରିବେ । ପ୍ରତି ଟେବୁଲ ମଧ୍ୟରେ ବାରିକେଡ ବ୍ୟବସ୍ଥା କରାଯିବ । ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟ ତଥା ଭୋଟ ଗଣତି ଓ ଫଳାଫଳ ଆସନ୍ତା କାଲି ଅର୍ଥାତ ୨୬,୨୭ ଓ ୨୮ ତିନିଦିନ ଧରି ଭୋଟ ଗଣତି କାର୍ଯ୍ୟକ୍ରମ ଚାଲୁ ରହିବ । ରାଜ୍ୟ ନିର୍ବାଚନ କମିଶନଙ୍କ ନିୟମାବଳୀକୁ ଆଧାର କରି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସଂଗ୍ରାମ କେଶରୀ ମହାପାତ୍ର ବ୍ୟକ୍ତିଗତ ଭାବରେ ଭୋଟ ଗଣତି ପ୍ରକ୍ରିୟା ଓ ନିର୍ବାଚନ ସମ୍ପନ୍ନ ସମସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଆସନ୍ତା କାଲି ଠାରୁ ଶୃଙ୍ଖଳିତ ଭାବରେ ଗଣତି କାର୍ଯ୍ୟ ଓ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ନିର୍ବାଚନ କମିଶନଙ୍କ ସ୍ଥିରିକୃତ କାର୍ଯ୍ୟକ୍ରମ ଅନୁସାରେ ଆସନ୍ତା କାଲି ଠାରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ୧୦ ଗୋଟି ବ୍ଲକ ହେଡ କ୍ୱାଟର ଠାରେ ବାଲାଟ ପେପର କାଉଁଟିଂ ହୋଇ ଫଳାଫଳ ଘୋଷଣା କରାଯିବ । ପ୍ରତ୍ୟେକ ଦିନ ସକାଳ ୮ ଘଟିକା ଠାରୁ କାଉଁଟି ଆରମ୍ଭ ହେବ । ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ଅନୁସାରେ କାଉଁଟି ହେବ ବୋଲି ଜଣାପଡିଛି । ଗୋଟିଏ ହଲରେ ୮ ଗୋଟି ଗ୍ରାମ ପଂଚାୟତ ଓ ଗୋଟିଏ ଟେବୁଲରେ ଗୋଟିଏ ଗ୍ରାମ ପଂଚାୟତର ଭୋଟ ଗଣନା କରାଯିବ । ଖୋର୍ଦ୍ଧା ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଏଥି ନିମନ୍ତେ ବ୍ୟାପକ ପ୍ରସ୍ତୁତ କରାଯାଇଛି । କାଉଁଟିଂ ପାଇଁ ବିଡିଓ ମାନଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ଦିଆ ଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ବ୍ଲକର କାଉଁଟିଂ ତଦାରଖ ପାଇଁ ଦାୟିତ୍ୱ ବହନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ଖୋର୍ଦ୍ଧା ଓ ଜଟଣୀ ବ୍ଲକ ,ଅନୁଜ କୁମାର ଦାସ ପଟ୍ଟନାୟକ ଭୁବନେଶ୍ୱର ବ୍ଲକ ,ଦିଗନ୍ତ କୁମାର ରାଉତରାୟ ବୋଲଗଡ ଓ ବେଗୁନିଆ ବ୍ଲକ ,ଶକ୍ତିକାନ୍ତ ରାୟ ଟାଙ୍ଗୀ ବ୍ଲକ, ଉପଜିଲ୍ଲାପାଳ ଦେବବ୍ରତ ସାହୁ ବାଲିଅନ୍ତା ଓ ବାଲିପାଟଣା ,ଶ୍ରୀ ଗୌରବ ଶିବାଜୀ ଚିଲିକା ଓ ବାଣପୁର ବ୍ଲକର କାଉଁଟିଂ ଓ ଫଳାଫଳ ଦାୟିତ୍ୱ ବହନ କରିଛନ୍ତି । ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସର୍ବ ସମୀକ୍ଷା ଓ ତଦାରଖ ଦାୟିତ୍ୱରେ ଅଛନ୍ତି । ଜିଲ୍ଲାରେ ୧୦ ଗୋଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀରେ ସଭ୍ୟ ପଦ ପାଇଁ ଭାରତୀୟ ଜାତୀୟ କଂଗ୍ରେସ,ବିଜେଡି, ବିଜେପି, ସିପିଆଇଏମ, ସିପିଆଇ(ଏମଏଲ), ଆମ ଆଦମୀ ପାର୍ଟି ଓ ସ୍ୱାଧିନ ପ୍ରାର୍ଥି ପ୍ରତିଯୋଗିତା କରିଛନ୍ତି । ଜିଲ୍ଲାର ୧୦ ଗୋଟି ବ୍ଲକ ପାଇଁ ୩୦ ଟି ଜିଲ୍ଲା ପରିଷଦ ଜୋନରେ ବିଭିନ୍ନ ରାଜନୈତିକ ଦଳର ୧୨୯ ଜଣ ପ୍ରାର୍ଥୀ ଚଳିତ ନିର୍ବାଚନରେ ପ୍ରତିଯୋଗିତା କରୁଥିବା ବେଳେ ୧୯୦ ଟି ଗ୍ରାମ ପଂଚାୟତ ଓ ୨୭୧୧ଟି ୱାର୍ଡ ପାଇଁ ଦଳିୟ ଚିହ୍ନ ନଥିବା ସାଧାରଣ ପ୍ରାର୍ଥୀ ମାନେ ପ୍ରତିଯୋଗିତା କରିଛନ୍ତି ।

# କେନ୍ଦ୍ରାପଡାରେ ଆଜି ଠାରୁ ଭୋଟ ଗଣତି ଆରମ୍ଭ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ାରେ ଶେଷ ହୋଇଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗ୍ରହଣ। ବାଲଟ ବାକ୍ସ ଗୁଡିକ ଷ୍ଟ୍ରଙ୍ଗ ରୁମରେ ସୁରକ୍ଷିତ ରଖାଯାଇଛି। ଷ୍ଟ୍ରଙ୍ଗରୁମକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଭୋଟ ଗଣତିକୁ ଲାଇଭ ଷ୍ଟ୍ରିମିଂ ମାଧ୍ୟମରେ ପ୍ରଦର୍ଶନ କରାଯିବାକୁ ସ୍ଥିର କରାଯାଇଛି। ଫଳରେ ଭୋଟ ଗଣନା କେନ୍ଦ୍ର ବାହାରେ ଥିବା ରାଜନୈତିକ ବ୍ୟକ୍ତି ବିଶେଷ ବା ସେମାନଙ୍କ ପ୍ରତିନିଧିମାନେ ତାହା ଦେଖି ପାରିବେ। ନିର୍ବାଚନ ପରିଚାଳନାରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏହା ହୋଇଛି। ଭୋଟ ଗଣତି ପାଇଁ ସରକାରୀ କର୍ମଚାରୀମାନେ ପ୍ରସ୍ତୁତ ହୋଇ ଅଛନ୍ତି। ଠିକ ସେହିପରି ପ୍ରତି ପ୍ରାର୍ଥୀଙ୍କର ଜଣେ ଲେଖାଏଁ ପ୍ରତିନିଧି ଭୋଟଗଣତି ହେଉଥିବା ଟେବୁଲ ପାଖରେ ବସିବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ସେମାନେ ବାଲାଟ ପେପରରେ ହାତ ମାରି ପାରିବେ ନହିଁ। ନିର୍ବାଚନ ପରିଚାଳନାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏପରି



କରାଯାଇଥିବା ସୂଚନା ମିଳିଛି। ପ୍ରତି ଜୋନରେ ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଭୋଟ ଗଣତି ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ବାହାରଲୋକଙ୍କୁ ଭୋଟ ଗଣତି କେନ୍ଦ୍ରଠାରୁ ୧୦୦ ମିଟର ମଧ୍ୟରେ ପ୍ରବେଶ ନିଷେଧ ରହିବ। ଭୋଟ ଗଣତିର ଟିକିନିକି ଖବର ସହ ସାରା ଜିଲ୍ଲାରେ କିପରି ଭାବେ ଭୋଟ ଗଣତି ହେଉଛି ତାହା ଜିଲ୍ଲା ନିର୍ବାଚନ ଅଧିକାରୀ ନିୟନ୍ତ୍ରଣ କକ୍ଷରେ ବସି ତଦାରଖ କରିବେ। ଜିଲ୍ଲାର ବିଭିନ୍ନ ବ୍ଲକ ଗୁଡିକରେ ହୋଇଥିବା ଭୋଟଗଣତି କେନ୍ଦ୍ରରେ ହେବାକୁ ଥିବା ଗଣତି କାର୍ଯ୍ୟକ୍ରମକୁ ସେ ଯାଞ୍ଚ କରିବେ। ଭୋଟ ଗଣନା କେନ୍ଦ୍ର ମଧ୍ୟକୁ ସରକାରୀ କର୍ମଚାରୀ କିମ୍ୱା ପ୍ରାର୍ଥୀଙ୍କ ଏଜେଣ୍ଟମୋବାଇଲ ଫୋନ, କ୍ୟାମେରା କିମ୍ବା କୌଣସି ବୈଦ୍ୟୁତିକ ସରଞ୍ଜାମ ନେଇ ପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ରହିଛି। ଶନିବାର ସକାଳ ୮ଟାରୁ ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରାପଡା ବ୍ଲକର ୫ନମ୍ବର ଜୋନ ଅନ୍ତର୍ଗତ ଚାରିଗାଁ, ଢୋଲ, ଧୂମାତ, ଘାଗରା, ଇନ୍ଦୁପୁର, କୋରୋ, କୁତୁରଙ୍ଗ ଓ ନିକିରାଇ ପଞ୍ଚାୟତ ଗୁଡିକର ଭୋଟ ଗଣନା ହେବ। ୨୭ତାରିଖ ସକାଳ ୮ଟା ସମୟରେ ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡା ବ୍ଲକର ୬ନମ୍ବର ଜୋନ ଅନ୍ତର୍ଗତ ଭରତପୁର, ଶ୍ୟାମସୁନ୍ଦରପୁର, ଚକ୍ରୋଡା, ଭାଗବତପୁର, ଜମଧର ଓ ଗୁଲନଗର ପଞ୍ଚାୟତର ଭୋଟ ଗଣନା ଅନୁଷ୍ଠିତ ହେବ। ସେହିଭଳି ତୃତୀୟ ପର୍ଯ୍ୟାୟରେ ୨୮ତାରିଖ ସକାଳ ୮ଟା ସମୟରେ କେନ୍ଦ୍ରାପଡା ବ୍ଲକର ୭ନମ୍ବର ଜୋନ ଅନ୍ତର୍ଗତ ବାରୋ, ଚନ୍ଦନପୁର, ଗାଙ୍ଗପଡା, ପଳସିଂହା, ସାନମାଣିତିଆ, କେଶପୁର ପଞ୍ଚାୟତ ଓ ୮ନମ୍ବର ଜୋନ ଅନ୍ତର୍ଗତ ଆୟବା, ପୁରୁଷୋତ୍ତମପୁର, କଂସାର, ଓସ୍ତପୁର, ବଗଡା, କଳପଡା ଓ କପାଳେଶ୍ୱର ପଞ୍ଚାୟତ ଗୁଡିକର ଭୋଟ ଗଣନା ଅନୁଷ୍ଠିତ ହେବ।

## ନିର୍ବାଚନକୁ ନେଇ ଗଣ୍ଡଗୋଳ,ଦୁଇ ଆହତ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ବାଘମାରୀ ଥାନା ଅନ୍ତର୍ଗତ ଶିମୋର ପଂଚାୟତର ଗଁପୁର ଗ୍ରାମରେ ନିର୍ବଚନକୁ ଦୁଇ ପରିବାର ଗଣ୍ଡଗୋଳ ଘଟି ଦୁଇ ଆହତ ହୋଇଛନ୍ତି । ଏ ନେଇ ବାଘମାରୀ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ପରେ ଦୁଇଟି ପୃଥକ କେସ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ପୁଲିସ ଅଟକ ରଖିଛି । ବାଘମାରୀ ଥାନା ଅଧିକାରିଣୀ ଅର୍ଚ୍ଚନା ମଲ୍ଲିକଙ୍କ ସୂଚନା ମୁତାବକ ଗଂପୁର ଗ୍ରାମର ଶରତ ଓ ସରୋଜ ସେଠୀ ଓ ରମେଶ ସେଠୀଙ୍କ ପରିବାର ମଧ୍ୟରେ ନିର୍ବାଚନକୁ ନେଇ ଗଣ୍ଡଗୋଳ ଘଟି ତାହା ଉଗ୍ରରୂପ ନେଇ ଉଭୟଙ୍କ ମଧ୍ୟରେ ବାଡିଆବାଡି ହୋଇଥିଲେ ।

## ୨୮ ସୁଧା ପ୍ରାର୍ଥୀଙ୍କ ଭାଗ୍ୟ ଫଳ ପ୍ରକାଶ ପାଇବ

ବାଲେଶ୍ୱର,(ପି.ଏନ): ପଞ୍ଚାୟତ ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ମତଦାନ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ଜିଲ୍ଲା ର ସଦର ଓ ରେମୁଣା ବ୍ଲକର ୯୦୭ ଟି ବୁଥ ରେ ଭୋଟ ଗ୍ରହଣ ଶେଷ ହୋଇଛି। ୨୬ ତାରିଖ ରୁ ପର୍ଯ୍ୟାୟ କ୍ରମେ ଏହି ଭୋଟ ଗଣତି ହେବ। ରେମୁଣାରେ ୩୬,୩୮ ଓ ୩୯ ନମ୍ବର ଜୋନ ଅନ୍ତର୍ଗତ ୩୨ ଟି ପଞ୍ଚାୟତର ୧ ଲକ୍ଷ ୪୯ ହଜାର ୩୧୧ ଜଣ ଭୋଟର ୪୧୧ ଟି ବୁଥରେ ମତଦାନ କରିଛନ୍ତି। ସେହିପରି ସଦର ବ୍ଲକର ୨୫,୨୬,୨୭,୨୮ ଓ ୨୯ ନମ୍ବର ୫ ଟି ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ୩୭ ଟି ପଞ୍ଚାୟତର ୧ ଲକ୍ଷ ୯୧ ହଜାର ୪୮୯ ଜଣ ଭୋଟର ୪୯୬ ଟି ବୁଥ ରେ ଭୋଟଦାନ କରିଛନ୍ତି। ସକାଳ ୭ ଟାରୁ ଭୋଟ ଦାନ ଆରମ୍ଭ ହୋଇ ଦିନ ଗୋଟାଏରେ ମତଦାନ ଶେଷ ହୋଇଥିଲା। ଭୋଟଗ୍ରହଣ ସରିବା ପରେ ପୋଲିଂ ପାର୍ଟି ସଦର ବ୍ଲକ ପାଇଁ ନିର୍ଦ୍ଧାରିତ ଭୋଟ ଗଣନା କେନ୍ଦ୍ର ସରକାରୀ ଅଇ.ଟି.ଆଇରେ ଏବଂ ରେମୁଣା ବ୍ଲକ ପାଇଁ ନିର୍ଦ୍ଧାରିତ ରେମୁଣା ମହାବିଦ୍ୟାଳୟରେ ଭୋଟ ବାକ୍ସ ସହ ଅନ୍ୟାନ୍ୟ ସାମଗ୍ରି ଜିମା ଦେଇଥିଲେ। ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତି ଅନୁଯାୟୀ ସମଗ୍ର ରାଜ୍ୟରେ ଆସନ୍ତା ୨୬ ତାରୀଖ ସକାଳ ୮ ଟାରୁ ଏକ ସନ୍ଧି ଭୋଟ ଗଣନା ଆରମ୍ଭ ହେବ। ଭୋଟ ଗଣନା ୨୮ ତାରିଖ ରେ ଶେଷ ହେବ। ୨୬ ତାରିଖ ଭୋଗରାଇ ବ୍ଲକର ୩୦ ଓ ୩୧ ନମ୍ବର ଜିଲ୍ଲା ପରିଷଦ ଜୋନ ଓ ସେହି ଜୋନର ସରପଞ୍ଚ ସମିତି ସଭ୍ୟ ଓ ୱାର୍ଡ଼ ସଭ୍ୟ ପଦ ପାଇଁ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ। ସେହିପରି ୨୬ ତାରିଖ ରେ ଜଳେଶ୍ୱର ବ୍ଲକର ୭ ନମ୍ବର ଜୋନ, ବାଲିଆପାଳର ୨୧ ନଂ ଜୋନ, ବସ୍ତାର ୧୪ ନମ୍ବର ଜୋନ, ସୋରର ୪୩ ନଂ ଜୋନ, ଔପଦାର ୧ ନଂ ଜୋନ, ଖଇରାର ୩ ନଂ ଜୋନ, ନୀଳଗିରିର ୧୧ ନମ୍ବର ଜୋନ, ବାହାନଗାର ୧୮ନଂ ଜୋନ, ରେମୁଣାର ୩୬ ନଂ ଜୋନ ଓ ଦର ବ୍ଲକର ୨୫ ନଂ ଜୋନ ସହିତ ସେହି ଜୋନ ଅଧିନରେ ଆସିଥିବା ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ଼ ସଭ୍ୟ ପାଇଁ ଗଣତି ସହ ଫଳାଫଳ ଘୋଷଣା କରାଯିବ। ୨୭ ତାରିଖରେ ଭୋଗରାଇର ୩୨ ଓ ୩୩ ନଂ, ଜଳେଶ୍ୱର ବ୍ଲକର ୮ ନଂ ଜୋନ, ବାଲିଆପାଳ ର ୨୨ ନଂ ଜୋନ, ବସ୍ତାର ୧୫ ନଂ ଜୋନ, ସୋର ର ୪୪ ନଂ ଜୋନ, ଖଇରାର ୪ ନଂ ଜୋନ, ଔପଦା ର ୨ ନମ୍ବର ଜୋନ, ନୀଳଗିରି ୧୨ ନଂ ଜୋନ, ବାହାନଗା ର ୧୯ ନଂ ଜୋନ ରେମୁଣାର ୩୭ ନଂ ଜୋନ ଓ ସଦର ବ୍ଲକର ୨୭ ରୁ ୨୭ ନଂ ଜୋନ ଏବଂ ୨୮ ତାରିଖ ଭୋଗରାଇର ୩୪ ଓ ୩୫ ନମ୍ବର, ଜଳେଶ୍ୱର ବ୍ଲକର ୯ ଓ ୧୦ ନଂ ଜୋନ, ବାଲିଆପାଳର ୨୩ ଓ ୨୪ ନଂ ଜୋନ, ବସ୍ତାର ୧୬ ଓ ୧୯ ନଂ ଜୋନ, ସୋରର ୪୫ ନଂ ଜୋନ, ଖଇରାର ୫ ଓ୬ ନଂ ଜୋନ, ନୀଳଗିରିର ୧୩ ନମ୍ବର ଜୋନ, ବାହାନଗାର ୨୦ ନଂ ଜୋନ, ରେମୁଣା ୩୮ ଓ ୩୯ ନଂ ଜୋନ, ଏବଂ ସଦର ବ୍ଲକର ୨୮ ଓ ୧୯ ନମ୍ବର ଜୋନ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ସଭ୍ୟ ପଦପି ପାଇଁ ଭୋଟ ଗଣତି ହୋଇ ଫଳ ପ୍ରକାଶ କରାଯିବ। ଭୋଟ ଗଣତି ସମୟରେ ଭିତରକୁ ମୋବାଇଲ ମନା।

## ସଡକ ଦୁର୍ଘଟଣାରେ ବାଇକ୍ ଚାଳକର ମୃତ୍ୟୁ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କୁସ୍ତିରା ଗ୍ରାମ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକର ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣକ ଧର୍ମଶାଳା ଥାନା ନାକପୋଲ ଗ୍ରାମର କାର୍ତିକ ଦାସଙ୍କ ପୁଅ ସୁଶାନ୍ତ ଦାସ (୩୩) ବୋଲି ଜଣାପଡିଛି । ସେ ଆଜି କୌଣସି କାମରେ କଲଣସ୍ଥିତ ନିଜ ମାମୁ ଘରକୁ ଯାଇ ବାଇକ ଯୋଗେ ଫେରୁଥିବା ବେଳେ ଅପରାହ୍ନ ୩ ଟା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡରେଥିବା ବାଡାରେ ପିଟି ହୋଇ ଗୁରୁତର ହୋଇପଡିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନା ଅଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଜେନାପୁର ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ ଲାଗି ବଡଚଣା ପଠାଇ ଘଟଣାର ତଦନ୍ତ କରୁଛି ।

# ରିଜିଓନାଲ ସାଇନ୍ସ ଓ କମର୍ସ ସ୍କୁଲର ବାର୍ଷିକ ଉତ୍ସବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାରୋଇସ୍ଥିତ ରିଜିଓନାଲ ସାଇନ୍ସ ଓ କମର୍ସ ସ୍କୁଲ ଏବଂ ଆଟିଆଇର ତୃତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରି ଇଚ୍ଛାଶକ୍ତି ହିଁ ସ୍ୱପ୍ନର ସଫଳ ରୁପାୟନ କରିଥାଏ । ଅବିଭାବକ, ଗୁରୁଜୀ ଓ ଗୁରୁମା ପିଲାମାନଙ୍କର ମାର୍ଗ ଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟକ୍ଷ ହେମନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରୋଟାରୀ କ୍ଲବ ପ୍ରାକ୍ତନ ସଭାନେତ୍ରୀ ମିନତୀ ସାହୁ ଯୋଗଦେଇ




ଛାତ୍ରଛାତ୍ରୀମାନେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରାଧ୍ୟାପକ ଡ. ଯତିନ୍ଦ୍ର କୁମାର ରାଉତ ଯୋଗଦେଇ ରେସିଡେନସିଆଲ ସ୍କୁଲ ଓ କଲେଜର ବହୁ ମେଧାବୀ ଛାତ୍ରଛାତ୍ରୀ ସଫଳତା ହାସଲ କରିପାରିଛନ୍ତି କହିଥିଲେ । ଅଧ୍ୟାପକ ବିଜୟ କୁମାର ଦାସ ବିବରଣୀ ପାଠ କରିଥିବା ବେଳେ , ଅଧ୍ୟାପିକା ବୈଶାଖୀ ପ୍ରିୟଦର୍ଶିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପାରାଦୀପ ଅରବିନ୍ଦ ଶିକ୍ଷା କେନ୍ଦ୍ରର ଗୁରୁଜୀ କୁମାର ଚରଣ ସାହୁ ଓ ରମେଶ ଓଝା ପ୍ରମୁଖ ବକ୍ତା ଭାବେ ଯୋଗଦେଇଥିଲେ । ଅଧ୍ୟାପିକା ଦୀପ୍ତିପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଲୁଟ ଅଭିଯୋଗ



ଖଣ୍ଡପଡା,(ପି.ଏନ): ଖଣ୍ଡପଡା ଥାନା ଅଧିନ ଖଳିସାହି-କୋସକା ରାସ୍ତାର ସାତଗୋଛିଆ ଗ୍ରାମ ନିକଟରେ ୫ରୁ ୬ଜଣ ଅସାମାଜିକ ଯୁବକ ଏକ ଧଳା ରଙ୍ଗର କାର ଯୋଗେ ଯାଉଥିବା କାହ୍ନୁଚରଣ ମହାନ୍ତି(୪୩)ଙ୍କୁ ରାସ୍ତାରେ ଅଟକାଇ ନିଷ୍ଠୁର ମାଡ ମାରିବା ସହ ଏକ ବନ୍ଧୁକ ଦେଖାଇ ୩ ହଜାର ଟଙ୍କା ଲୁଟି ନେଇଥିବା ନେଇ ଖଣ୍ଡପଡା ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ନ ୫ଟା ସମୟରେ କାହ୍ନୁ ନିକଟସ୍ଥ ଗିରିଡିପଲ୍ଲୀ ଗ୍ରାମରୁ କାର ଯୋଗେ ତାଙ୍କ ଘର କିଆଝର ଗ୍ରାମକୁ ଫେରୁଥିବା ବେଳେ ସାତଗୋଛିଆ ଗ୍ରାମର ସନ୍ତୋଷ ନାଏକ, ଶୁସା ନାଏକ, ଅକ୍ରୁର ନାଏକଙ୍କ ସମେତ ସହଯୋଗୀମାନେ ରାସ୍ତା ଉପରେ କାରକୁ ଅଟକାଇଥିଲେ। ଜଣେ ଯୁବକ ବନ୍ଧୁକ ଦେଖାଇ ୧୦ ହଜାର ଟଙ୍କା ମାଗିଥିବା ବେଳେ ସମସ୍ତେ ଧମକେଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ହଠାତ୍ କାହ୍ନୁଙ୍କୁ ଆକ୍ରମଣ କରିଥିଲେ। ମରଣାନ୍ତକ ଆକ୍ରମଣରେ ଯୁବକଙ୍କର ମୁଣ୍ଡ ଫାଟିବା ସହ ନାକରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଅସାମାଜିକ ବ୍ୟକ୍ତିମାନେ ଏଭଳି କାଣ୍ଡ ଘଟାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ପାରାଦୀପ ପୌର ନିର୍ବାଚନ-ଚେୟାରମ୍ୟାନ୍ ଦୌଡରେ ବସନ୍ତ ସର୍ବାଗ୍ରେ

ପାରାଦୀପ,(ପି.ଏନ): ୫ଟି ପର୍ଯ୍ୟାୟରେ ରାଜ୍ୟରେ ପଂଚାୟତ ନିର୍ବାଚନ ଶେଷ ହୋଇଛି। ଏହାର ଠିକ୍ ଦିନକ ପରେ ଓଡିଶା ନିର୍ବାଚନ କମିଶନର ଆସନ୍ତା ମାର୍ଚ୍ଚ ୨୪ ତାରିଖକୁ ପୌର ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଚଳିତ ଥର ଚେୟାରମ୍ୟାନ୍ ପଦବୀ ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ନିର୍ବାଚନ କରିବାକୁ ଅଧ୍ୟାଦେଶ ଜାରୀ କରିଛନ୍ତି । ତଦନୁଯାୟୀ ପାରାଦୀପ ପୌରପାଳିକା ନିମନ୍ତେ ଏଥର ଚେୟାରମ୍ୟାନ୍ ପାଇଁ ସିଧାସଳଖ ନିର୍ବାଚନ ହେବ । ଭୋଟରମାନେ ମତଦାନ ସମୟରେ କାଉନସିଲର୍ ଓ ଚେୟାରମ୍ୟାନ୍ ପାଇଁ ଅଲଗା ଅଲଗା ଭାବେ ଭୋଟ ଦେବେ। ଗତ ଥର ପାରାଦୀପ ପୌରାପାଳିକାର ଚେୟାରମ୍ୟାନ୍ ଥିବା ବସନ୍ତ ବିଶ୍ୱାଳ ଚେୟାରମ୍ୟାନ୍ ଦୌଡରେ ସର୍ବାଗ୍ରେ ରହିଛନ୍ତି। ଶ୍ରୀ ବିଶ୍ୱାଳ ଏବେ ପାରାଦୀପ ନଗର ବିଜେଡିର ସଭାପତି ତଥା ପାରାଦୀପର ଅଗ୍ରଣୀ ଅନୁଷ୍ଠାନ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟର ସାଧାରଣ ସଂପାଦକ ମଧ୍ୟ ଅଛନ୍ତି। ନବ ପ୍ରଭାତ ଶିଶୁ ବିଦ୍ୟା ମନ୍ଦିର ଭଳି ଶିକ୍ଷାନୁଷ୍ଠାନର ସେ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଶ୍ରୀ ବିଶ୍ୱାଳଙ୍କ ସମୟରେ ପାରାଦୀପ ପୌରପାଳିକାରେ ବହୁ ଲୋକାଭିମୁଖୀ କାର୍ଯ୍ୟ କରି ପାରାଦୀପ ପୌରାଂଚଳର ଘରେ ଘରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ପାରାଦୀପର ବିଭିନ୍ନ ବସ୍ତି ଅଂଚଳକୁ ରାସ୍ତା,ପାନୀୟ ଜଳ ଯୋଗାଣ ଆଦି



କାର୍ଯ୍ୟକୁ ସେ ଦକ୍ଷତାର ସହ ସମ୍ପାଦନ କରିଛନ୍ତି । ପାରାଦୀପ ସମୁଦ୍ରକୂଳରେ ଶିଶୁ ଉଦ୍ୟାନ, ନେହେରୁ ବଙ୍ଗଳା ଠାରେ ମନୋରମ କ୍ରୀଡା ଉଦ୍ୟାନ,ବିଜୁ ଯାତ୍ରୀ ନିବାସ, ପୌର କଲ୍ୟାଣ ମଣ୍ଡପ, ପାରାଦୀପ ସମୁଦ୍ର ବେଳାଭୂମି ବିଜୁ ମଇଦାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜୁ ମୀନାର ଭଳି କି[illegible]ମାନ ସେ ସ୍ଥାପନ କରିପାରିଛନ୍ତି । ପାରାଦୀପ ସହରର ସାହିତ୍ୟ ତଥା ସାମାଜିକ ଅନୁଷ୍ଠାନମାନଙ୍କୁ ପୃଷ୍ଟପୋଷକତା କରି ଓଡିଶାର କଳା,ସାହିତ୍ୟ,ସାଂସ୍କୃତିର ବିକାଶରେ ସହାୟତା କରିଛନ୍ତି ଶ୍ରୀ ବିଶ୍ୱାଳ। ଚଳିତ ନିର୍ବାଚନରେ ପାରାଦୀପ ପୌରପାଳିକା ପାଇଁ ସେ କଲୋନୀ ଠାରୁ ବସ୍ତି ପର୍ଯ୍ୟନ୍ତ ସେ ସମସ୍ତଙ୍କର ପ୍ରିୟ ହୋଇପାରିଛନ୍ତି। ଏଥର ଚେୟାରମ୍ୟାନ ନିର୍ବାଚନରେ ସେ ବିଜୁ ଜନତା ଦଳର ଚେୟାରମ୍ୟାନ ଭାବେ ପ୍ରାର୍ଥୀ ହେଲେ ଦଳ ପୁର୍ନବାର ପାରାଦୀପ ପୌରପାଳିକା ଦଖଲ କରିପାରିବ ବୋଲି ଲୋକମାନେ ଆକଳନ କରୁଛନ୍ତି।

## ଶିକ୍ଷକନେତା ଗୋଦାବରୀଶ ପାଇକରାୟଙ୍କ ପରଲୋକ

ଖୋର୍ଦ୍ଧା,(ପି.ଏନ): କଳିଙ୍ଗ ପାଇକ ସଂଗଠନର କାର୍ଯ୍ୟକାରିଣୀ ସଦସ୍ୟ, ରାଜ୍ୟସ୍ତରୀୟ ଶିକ୍ଷକ ନେତା ଗୋଦାବରୀଶ ପାଇକରାୟଙ୍କର ୬୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବୃକକ ଜନତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏତିହ୍ୟପ୍ରସିଦ୍ଧ ଗଡ଼ମାଣିତ୍ରୀ ଗ୍ରାମର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ପାଇକରାୟ ଜଣେ ଭଲ ଶିକ୍ଷକ ଭାବେ ସୁନାମ ଅର୍ଜନ କରିବା ସହ ଖୋର୍ଦ୍ଧା ଶିକ୍ଷା ଜିଲା ଶିକ୍ଷକ ସଂଗଠନର ଜିଲା ସଭାପତି ଏବଂ ରାଜ୍ୟସ୍ତରୀୟ ଅବସରପ୍ରାପ୍ତ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଉପ-ସଭାପତି ଭାବେ କାର୍ଯ୍ୟ କରି ଶିକ୍ଷାବ୍ୟବସ୍ଥାରେ ସଂସ୍କାର ପାଇଁ ଅହରହ ଉଦ୍ୟମ କରିଥିଲେ। ବେଗୁନିଆ ତଥା ଖୋର୍ଦ୍ଧା ଜିଲାର ବିଭିନ୍ନ ସଂଗଠନ ସହ ସଂପୃକ୍ତ ହୋଇ ସମାଜସେବାରେ ବ୍ରତୀ ହୋଇଥିଲେ। ତାଙ୍କ ବିୟୋଗରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଏକ ଶୋକସଭା ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷକ



ସଂଘ ସାଧାରଣ ସଂପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ଅନୁ ନିରୀକ୍ଷକ ଚୈତନ୍ୟ ଜେନା, ସମାଜସେବୀ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସୁଷମା ପ୍ରଧାନ, ଧରଣୀଧର ଛୋଟରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଇକରାୟଙ୍କ ବହୁମୁଖୀ ଗୁଣାବଳି ସଂପର୍କରେ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପାଇକରାୟଙ୍କ ମୃତ୍ୟୁରେ ବିଶିଷ୍ଟ ଶିକ୍ଷାବିତ୍ କାଳିଚରଣ ଜୟସିଂହ, କବି ବଳରାମ ରଣସିଂହ, ଗଙ୍ଗାଧର ଜେନା, ଲଛମନ ପରିଡ଼ା, ନିରଂଜନ ସାମନ୍ତସିଂହାର, ସୁଜାତା ସାହୁ ପ୍ରମୁଖ ଶୋକପ୍ରକଟ କରି ତାଂକ ବିୟୋଗ ଶିକ୍ଷକ ସମାଜର ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଛନ୍ତି।

## ପଣସା ପଂଚାୟତ ପାଟପୁରର ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳୀ

ଯାଜପୁର,(ପି.ଏନ): ଯାଜପୁର ବ୍ଲକ୍ ପଣାସା ପଂଚାୟତ ପାଟପୁର ବିଶିଷ୍ଟ ବ୍ୟକ୍ତି ତଥା ଟାଟାଷ୍ଟିଲ୍ର ଅବସରପ୍ରାପ୍ତ ଅଧିକାରୀ ସ୍ୱର୍ଗତ ନାରାୟଣ ପ୍ରସାଦ ମହାନ୍ତିଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପି.ସି.ସି ସଂପାଦକ ତଥା କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଦିବଂଗତଙ୍କର ଫଟୋରେ ମାଲ୍ୟାର୍ପଣ କରିଥିଲେ। ପଣ୍ଡିତ ହୃଶିକେଶ ପତି ଗୀତାପାଠ କରିଥିଲେ। ସ୍ୱର୍ଗତ ମହାନ୍ତି ଅବସର ପରେ ନିଜ ଗ୍ରାମରେ ଅବସ୍ଥାନ କରିବା ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସଂପୃକ୍ତ ହୋଇ ଏହି ଅଂଚଳର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ଡ. କାହ୍ନୁଚରଣ ମିଶ୍ର, ସମାଜସେବୀ ବିଭୂତି ଭୂଷଣ ମହାପାତ୍ର ଯୋଗଦେଇ ସ୍ମୃତିଚାରଣ କରିବା ସହିତ



ସ୍ୱର୍ଗତ ମହାନ୍ତି ଜଣେ ଆଦର୍ଶବାଦୀ ଚିନ୍ତାଧାରା ବ୍ୟକ୍ତିଥିଲେ ବୋଲି ଉଲ୍ଲେଖ କରିଥିଲେ। ତାଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ତ୍ରିଲୋଚନ ମହାନ୍ତି, ପ୍ରଦ୍ୟୁମ୍ନ ମହାନ୍ତି, ବନମାଳୀ ମହାନ୍ତି, ସଞ୍ଜୀବ କୁମାର ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ସୁଧାଂଶୁଶେଖର ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଅଭିଜିତ୍ ମହାନ୍ତି ବିଶ୍ୱଜିତ ମହାନ୍ତି, ଶକ୍ତିପ୍ରସାଦ ମହାନ୍ତି, ଦେବଜ୍ୟୋତି ମହାନ୍ତି, ସନ୍ଧ୍ୟାରାଣୀ ମହାନ୍ତି, ଅରୁଣ ମହାନ୍ତି, ମିନତୀ ମହାନ୍ତି, ଚିତ୍ରଲେଖା ମହାନ୍ତି, ବନ୍ଦନା ମହାନ୍ତି, ବିନ୍ଦୁରେଖା ମହାନ୍ତି, ସସ୍ମିତା ମହାନ୍ତି, ଅନ୍ୱେଷା ଦାସ, ସୁନେଲି ମହାନ୍ତି, ନିଶାନ ମହାନ୍ତି, ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

### ପୂର୍ବତନ ମନ୍ତ୍ରୀ ଆଡଭୋକେଟ ଦେବରାଜ ସାହୁଙ୍କ ବିୟୋଗରେ ଅନୁଗୋଳ ଓକିଲ ସଂଘର ଶୋକସଭା

ଅନୁଗୋଳ,(ପି.ଏନ): ଅନୁଗୋଳ ଖଲାରୀ ନିବାସୀ ପୂର୍ବତନ ମନ୍ତ୍ରୀ ଆଡଭୋକେଟ ଦେବରାଜ ସାହୁଙ୍କ ପରଲୋକ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ହୋଇ ଯାଇଛି। ତାଙ୍କ ପରଲୋକରେ ଆଜି ଅନୁଗୋଳ ଓକିଲ ସଂଘ ପକ୍ଷରୁ ସକାଳ ଏଗାର ଘଟିକା ସମୟରେ ଏକ ଶୋକସଭା ସଂଘର ସଭାପତି ଦିଲ୍ଲିପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଆତ୍ମାର ସଦଗତି ନିମିତ୍ତ ଉପସ୍ଥିତ ସମସ୍ତ ସଦସ୍ୟ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ସାହୁ ଜଣେ ଅମାୟିକ, ମିଷ୍ଟଭାଷୀ, ପରୋପକାରୀ ଦରଦୀ ହୃଦୟର ମଣିଷ ଥିଲେ। ତାଙ୍କର ଅନୁଗୋଳ ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ଜୀବନ ସାରା ସଂଗ୍ରାମ କରି ଯାଇଛନ୍ତ।

## ଭୁବନେଶ୍ୱରରେ ପ୍ରଥମ ବରିଷ୍ଠନାଗରିକଙ୍କ ପାଇଁ ପୋଡକାଷ୍ଟ କେନ୍ଦ୍ର ଉଦ୍‌ଘାଟିତ






ଭୁବନେଶ୍ୱର,(ପି.ଏନ): ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ରାଷ୍ଟ୍ରୀୟ ସାମାଜିକ ପ୍ରତିରକ୍ଷା ସଂସ୍ଥାନ(ଏନ୍.ଆଇ.ଏସ୍.ଡି), ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାର ଓ ମିଡିଆ ଫୋର୍ କମ୍ୟୁନିଟି ଫାଉଣ୍ଡେସନ୍ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥ ଲୁମ୍ବିନୀବିହାରରେ ଅବସ୍ଥିତ ଆଂଚଳିକ ସାଧନ ଓ ପ୍ରଶିକ୍ଷଣ କେନ୍ଦ୍ର(ଆର୍.ଆର୍.ଟି.ସି)ଠାରେ ଓଡିଶାରେ ପ୍ରଥମ ବରିଷ୍ଠନାଗରିକଙ୍କ ପାଇଁ ଅଗଣୀ ପୋଡକାଷ୍ଟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏଥିସହ ଏନ୍.ଆଇ.ଏସ୍.ଡି ଦ୍ୱାରା ପାଇଲଟ୍ ପ୍ରକଳ୍ପ ଭାବେ ନୂତନ ଭାବେ ଆରମ୍ଭ ହୋଇଥିବା ଅନୁଭବ ପ୍ରକଳ୍ପ ସମ୍ପର୍କୀତ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଭୟ ଅଫଲାଇନ୍ ଓ ଅନ୍‌ଲାଇନ୍‌ରେ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଯୋଗ ଦେଇ ଏହି ପୋଡକାଷ୍ଟ କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ ଆଧୁନିକ ସମାଜରେ ସନ୍ତାନସନ୍ତତିମାନେ ବୟସ୍କ ପିତାମାତାଙ୍କୁ ନ ପଚାରିବା ବା ତାଙ୍କର ଯତ୍ନ ନେବାର ନଜିର ଅନେକ ରହିଛି, ଯେହେତୁ ସନ୍ତାନସନ୍ତତିମାନେ ବୟସ୍କ ପିତାମାତାମାନଙ୍କର ବା ବ୍ୟୟୋଜ୍ୟେଷ୍ଠବ୍ୟକ୍ତି ମାନଙ୍କର ଉପଯୁକ୍ତ ଯତ୍ନ ନେଉନାହାଁନ୍ତି, ସେଥିପାଇଁ ବରିଷ୍ଠନାଗରିକମାନଙ୍କୁ ଏକ ସୁଖଶାନ୍ତିର ବାତାବରଣ ଯୋଗାଇ ଦେବା ପାଇଁ ସରକାର ଅନ୍ୟ ଦିଗ ଉପରେ ଚିନ୍ତନ କରିଛନ୍ତି, ସେଥିମଧ୍ୟରୁ ଉଭୟ ରାଷ୍ଟ୍ରୀୟ ସାମାଜିକ ପ୍ରତିରକ୍ଷା ସଂସ୍ଥାନ(ଏନ୍.ଆଇ.ଏସ୍.ଡି), ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାର ଓ ମିଡିଆ ଫୋର୍ କମ୍ୟୁନିଟି ଫାଉଣ୍ଡେସନ୍ର ମିଳିତ ଉଦ୍ୟମରେ ଭାରତରେ ୧୦ଟି ପୋଡକାଷ୍ଟ କେନ୍ଦ୍ର ସ୍ଥାପିତ ହୋଇଛି । ଏହି ପୋଡକାଷ୍ଟ କେନ୍ଦ୍ରରେ ବରିଷ୍ଠନାଗରିକମାନେ ସେମାନଙ୍କର ଅଭିଜ୍ଞତାକୁ ସାରା ଭାରତରେ ସେୟାର କରିପାରିବେ। ଏହାଛଡା ସେ କହିଲେ ଯେ, ଋଷି ଓ ସନ୍ନ୍ୟାସୀଙ୍କ ପରି ବରିଷ୍ଠନାଗରିକମାନେ ବଂଚିବାପାଇଁ ଉଦ୍ୟମ କରିବା ଉଚିତ୍। ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସୁଖଶାନ୍ତି ପାଇଁ ସରକାରଙ୍କ ପୋଡକାଷ୍ଟ କେନ୍ଦ୍ର ପ୍ରତିଷ୍ଠା ନିଶ୍ଚିତଭାବେ ଏକ ଗଠନମୂଳକ ଉଦ୍ୟମ। ବରିଷ୍ଠନାଗରିକମାନେ ଏହାର ଫାଇଦା ପାଇପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏହି ଉଦ୍‌ଘାଟନ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ମିଡିଆ ଫୋର୍ କମ୍ୟୁନିଟି ଫାଉଣ୍ଡେସନ୍ର ସଙ୍କେତ ମହାଜନ, ଓଡିଶା ଗୋଷ୍ଠୀ ବେତାର ସଙ୍ଗଠନର ସଭାପତି ଡ. ଶିଶିର ଦାସ, ରେଡିଓ ବୁଲ୍‌ବୁଲ୍ ତଥା ଓଡିଶା ଗୋଷ୍ଠୀ ବେତାର ସଙ୍ଗଠନର ସମ୍ପାଦକ ଶେଖ୍ ମହମ୍ମଦ ନିଆଜ୍ ଏବଂ ରେଡିଓ ସୋଆର ଶୁଭ୍ରସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟୁନ ୪୦ଜଣ ଲୋକ ଯଥା ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ ଯୋଗ ଦେବା ସହ କିଛି ବରିଷ୍ଠ ନାଗରିକ ସେମାନଙ୍କର ଅନୁଭୂତି ବା ଅଭିଜ୍ଞତାକୁ ସେୟାର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍ଆରସିଡବ୍ଲୁଡିର ଯୁଗ୍ମ ସମ୍ପାଦିକା ଶର୍ମିଳୀ ପରିଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ମିଡିଆ ଫୋର୍ କମ୍ୟୁନିଟି ଫାଉଣ୍ଡେସନ୍ର ବୋର୍ଡ ମେମ୍ବର ସଙ୍କେତ ମହାଜନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ । ବରିଷ୍ଠନାଗରିକଙ୍କ ଲୁକ୍‌କାୟିତ ପ୍ରତିଭା ବା ସ୍ୱରକୁ ଲୋକଲୋଚନକୁ ଆଣିବା ପାଇଁ ଓ ଯୁବଗୋଷ୍ଠୀକୁ ନୂତନ ଦିଗ୍‌ଦର୍ଶନ ଦେବାପାଇଁ ସରକାର ଏହି ପୋଡକାଷ୍ଟ କେନ୍ଦ୍ରମାନ ପ୍ରତିଷ୍ଠା କରିଛନ୍ତି ବୋଲି ଶ୍ରୀ ମହାଜନ କହିଥିଲେ । ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ନାଗେଶ୍ୱର ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଯେ, ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ସରକାର ଏକ ଗଠନ ମୂଳକ ଆଇନ୍ ଆଣିବା ଏକାନ୍ତ ଆବଶ୍ୟକ। ଏହି କାର୍ଯ୍ୟକ୍ରମକୁ ବାସନ୍ତୀ ବେହେରା, ପ୍ରେରଣା ଦାଶ, ଲୀତା ପ୍ରହରାଜ, ଗୀତା ପ୍ରହରାଜ, ଶର୍ମିଳୀ ପରିଡା, ସାଗର ରାଉତରାୟ, କୁନି ଦେଇ, ଆନନ୍ଦ ଚନ୍ଦ୍ର ପଟ୍ଟନାୟକ, ଯୋଗେଶ ଚନ୍ଦ୍ର ନାୟକ, ରାଜେଶ କୁମାର ଦାସ, ସଂଯୁକ୍ତା ରାଣୀ ଦାଶ, ନିରାକାର ଦାଶ, ପଦ୍ମିନୀ ରାଉତ, ବର୍ଷା ସାହୁ, ସମୀର ପରିଡା, ସନ୍ତୋଷ କୁମାର ବେହେରା, ଅଂଜଳି ନାୟକ, କାର୍ତିକା ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ । ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ସୁକାନ୍ତ କୁମାର ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray